



## ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାବିପତ୍ର

**ଖଣ୍ଡପଡ଼ା, ୧୫ ।୩(ସମିସ):** ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶୁକ୍ରବାର ପୂର୍ବାହ୍ନରେ ଖଣ୍ଡପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହିଳା ଓ ପୁରୁଷ ବିଡ଼ି ଶ୍ରମିକ ଏବଂ ଭୂମିହୀନ ପରିବାରର ସଦସ୍ୟମାନେ ଏନ୍ଏସି କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା କରି ବ୍ଲକ ପର୍ଯ୍ୟନ୍ତ ଆସିବା ପରେ ଭୂମିହୀନଙ୍କୁ ଗୃହ ପଟ୍ଟା ଏବଂ ବିଡ଼ି ଶ୍ରମିକଙ୍କ ମୌଳିକ ସମସ୍ୟାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲ୍ଲାପାଳ ଓ ସଚିବଙ୍କ ଉଦ୍ଦେଶ୍ୟରେ ବିଡିଓ ଅଙ୍କୁର ଅଭିଳାଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଯଦି ଦାବି ପୂରଣ ନ ହୁଏ ତେବେ ଭାରତୀୟ ବିକାଶ ପରିଷଦ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସୂଚନା ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବ୍ଲକ ଅଧୀନ ଢୋଲମରା ବଡ଼ ହରିଜନ ସାହି, ବଳରାମ ପ୍ରସାଦ ମୁଣ୍ଡିଆ ସାହି, ନାଗଝର, କନାସିଂ, ସିଧାମୂଳା ମୁଣ୍ଡିଆ ସାହି ଆଦି ଭୂମିହୀନ ବାସିନ୍ଦାମାନଙ୍କୁ ଗୃହ ପଟ୍ଟା ପ୍ରଦାନ କରାଯିବା ସହ ବ୍ଲକ




ଅଧୀନ ଶତାଧିକ ବିଡ଼ି ଶ୍ରମିକ ପରିବାରଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଦଳ ବେହେରା, ନୟାଗଡ଼ ଜିଲ୍ଲା ସଭାପତି ତ୍ରିନାଥ ନାୟକ, ସମ୍ପାଦକ ନିରଞ୍ଜନ ଦାସ, ଗଞ୍ଜାମ ଜିଲ୍ଲା ସଭାପତି ଟି ତୁଳସିଆ ରେଡି, ସଭ୍ୟ ରମେଶ ଦାସ, ସଂଗଠକ ଗିରିଧାରୀ ରାଉତ, ଜିଲ୍ଲା ସମ୍ପାଦିକା ସତ୍ୟଭାମା ପ୍ରଧାନ, ମହିଳା ସଭାନେତ୍ରୀ ଲିଳିବାଳା ନାୟକ, ବ୍ଲକ ସଭାନେତ୍ରୀ ଆଶାମଣି ପ୍ରଧାନ, ଅନ୍ତର୍ଯ୍ୟାମୀ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରେନେଜ୍ ସମସ୍ୟାରୁ ମୁକ୍ତି ପାଇଁ ୪.୯୧ କୋଟି ଅନୁଦାନ






### ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ

**ନୟାଗଡ଼, ୧୫।୩(ସମିସ)**

ନୟାଗଡ଼ ସହରକୁ ବିକାଶଶୀଳ ତଥା ସୌନ୍ଦର୍ଯ୍ୟପୂର୍ଣ୍ଣ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ରୂପାନ୍ତରିତ ନୟାଗଡ଼ର ସ୍ୱପ୍ନ ଦେଖିବା ସହ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିବା ଏବଂ ଦାୟିତ୍ୱ ସହକାରେ ସମାପନ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିକାଶ ପାଇଁ ଭିଜନ ସହ ସୁପରଭିଜନ୍ ଆବଶ୍ୟକ ବୋଲି ସେ ସର୍ବଦା କହି ଆସୁଛନ୍ତି। ଆଜି ପୌରାଞ୍ଚଳ ଅନ୍ତର୍ଗତ ୨ ନମ୍ବର ଏବଂ ୩ ନମ୍ବର ୱାର୍ଡବାସୀଙ୍କ ଦୀର୍ଘଦିନର ଦାବି ତଥା ସମସ୍ୟାର ଅନ୍ତ ଘଟିବା କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହି ଦୁଇ ୱାର୍ଡରେ ଡ୍ରେନେଜ୍ ସମସ୍ୟା ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଥିଲା। ଏଥି ନିମନ୍ତେ ୪ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ନୟାଗଡ଼ ମିଶ୍ର କଲୋନୀଠାରେ ଆଜି ଏହାର ଶୁଭ ଦିଆଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏହାର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସମସ୍ତ କାଉନସିଲର ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ନୟାଗଡ଼ ବିଧାୟକ ତାଙ୍କ ବକ୍ତବ୍ୟରେ ପ୍ରକୃତିର ସୁରକ୍ଷା ଦେବା ଆମ ଦାୟିତ୍ୱ ବୋଲି କହିଛନ୍ତି। ଏହା ସହିତ ହୃଦୟର ଆବେଗ ପରିପ୍ରକାଶ କରି ୨୪ ଘଣ୍ଟା ଲୋକଙ୍କ ସେବା କରି ଆସୁଛି ବୋଲି କହିଥିଲେ। ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟର ଆମେ ଦାୟିତ୍ୱ ନେବା ଆବଶ୍ୟକ ବୋଲି ଲୋକଙ୍କୁ କହିବା ସହ ଏହାର ସୁରକ୍ଷା ପାଇଁ ସଚେତନ ହେବାକୁ ଆହ୍ୱାନ ଦେଉଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ସହରର ବହୁ ବୁଦ୍ଧିଜୀବୀ, ମହିଳା ଯୋଗ ଦେଇଥିଲେ।

## ୧୫ ଦିନ ଧରି ଜଳକଷ୍ଟରେ ୧୫୦୦ ଲୋକ

**ଭାପୁର, ୧୫ ।୩(ସମିସ):** ସରକାର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ତୃଣମୂଳସ୍ତରରେ ଏହାକୁ କାର୍ଯ୍ୟକାରୀ କରୁଥିବା କିଛି ସରକାରୀ କର୍ମଚାରୀମାନଙ୍କ ଅପାରଗତା ଯୋଗୁଁ ଏହା ଅନେକ ସମୟରେ ବିଫଳ ହେଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଧାନଚାଙ୍ଗଡ଼ା ପଞ୍ଚାୟତ କଳଟାଙ୍ଗି ଗ୍ରାମରେ। ତିନି ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ଦେଢ଼ ହଜାର ଲୋକ ବାସ କରନ୍ତି। ଗ୍ରାମଟି ଏକ ପାହାଡ଼ ତଳିଆ ଗ୍ରାମ ହୋଇଥିବାରୁ ଏଠାରେ ଖନନ ହୋଇଥିବା କୂଅ ଓ ନଳକୂପରୁ ସବୁବେଳେ ପିଇବା ପାଣି ମିଳିବା ସମ୍ଭବ ହୋଇନଥାଏ। ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବୋରିଙ୍ଗ କରାଯାଇ ଗାଁକୁ ପାନୀୟ ଜଳ ଯୋଗାଣ ହୋଇଥାଏ। ମାତ୍ର, ଏହାର ଜଳସ୍ତର କମିଯିବାରୁ ଏବେ ଗ୍ରାମକୁ ସମ୍ପୂର୍ଣ୍ଣ ଜଳଯୋଗାଣ ବନ୍ଦ ରହିଛି।



କିପରି ଏହି ଗ୍ରାମକୁ ପାନୀୟ ଜଳଯୋଗାଣ ହେବ ସେ ନେଇ ବିଭାଗୀୟ ଅଧିକାରୀ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହି ଜଳକଷ୍ଟ ନେଇ ଗ୍ରାମବାସୀ ଭାପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ନିକଟରେ ଥିବା କମେଇ ନଦୀରେ ଡଗୱେଲ କରାଯାଇ ଗ୍ରାମକୁ ଜଳଯୋଗାଣ କରିବାକୁ ଦାବି ହେଉଛି। ଯେ ପର୍ଯ୍ୟନ୍ତ ଗ୍ରାମକୁ ସବୁଦିନିଆ ଜଳ ଯୋଗାଣ କରାନଯାଇଛି ସେ ପର୍ଯ୍ୟନ୍ତ ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### 'ନବୀନଙ୍କ ପାଇଁ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି'

# ନଡ଼ିଆଳି କଲ୍ୟାଣମଣ୍ଡପ ଉଦ୍‌ଘାଟିତ




**ନୟାଗଡ଼, ୧୫ ।୩(ସମିସ)**

ନୟାଗଡ଼ ବ୍ଲକ ଅନ୍ତର୍ଗତ ନଡ଼ିଆଳି ପଞ୍ଚାୟତରେ ଆଜି ନୂତନ କଲ୍ୟାଣୀମଣ୍ଡପର ଉଦ୍‌ଘାଟନ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ କଲ୍ୟାଣମଣ୍ଡପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ବିରାଟ ବାଇକ୍ ରାଲିର ଆୟୋଜନ କରାଯାଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ବାଇକ୍ ଖୁଣ୍ଟୁବନ୍ଧ କାଳିଆଷଣ୍ଢ ଯାତ୍ରା ପଡ଼ିଆରୁ ବାହାରି ନଡ଼ିଆଳି, ହିଞ୍ଜିଳିଗାଡିଆ, ବଡ଼ିଆସାହି, ପାଟଣା ସାହି ଦେଇ ପଲ୍ଲୀସାଶନ ବାଲୁଙ୍କେଶ୍ୱର ମନ୍ଦିର ପୀଠରେ ପହଞ୍ଚିଥିଲା। ଏହି ଅବସରରେ ଡ. ସାହୁ କଲ୍ୟାଣୀମଣ୍ଡପର ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି ବୋଲି ପ୍ରକାଶ କରିଥିଲେ। ଯେଉଁଠି ଶାନ୍ତି ପ୍ରତିଷ୍ଠା ହୋଇଛି ସେଠି ବିକାଶ ଆପେ ଆପେ ହୋଇଛି। ନଡିଆଳି ଗ୍ରାମ ପଞ୍ଚାୟତବାସୀ ମୋର ଅତି ନିଜର। ବିକାଶର ଧାରାରେ ସେମାନେ ସଦାସର୍ବଦା ଚେଷ୍ଟିତ ଅଛନ୍ତି ବୋଲି ଡ. ସାହୁ ପ୍ରକାଶ କରିଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀକୁ ୧ନଂ କରିବା ପାଇଁ ମୁଁ ସଦାସର୍ବଦା ନୟାଗଡ଼ବାସୀଙ୍କ ପାଇଁ ୨୪ ଘଣ୍ଟା ପରିଶ୍ରମ କରୁଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ କ୍ଷୀରୋଦ କୁମାର ମହାପାତ୍ର, ସ୍ଥାନୀୟ ସରପଞ୍ଚ ପୂଜାଶ୍ରୀ ବରାଡ଼, ସମିତି ସଭ୍ୟା ସୀମା ବେହେରା, ନାଏବ ସରପଞ୍ଚ ଦୟାନିଧି ହାତୀଙ୍କ ସମେତ ପଞ୍ଚାୟତର ବହୁ ପୁରୁଖା କର୍ମୀ ଉପସ୍ଥିତ ଥିଲେ।

## ଓଡ଼ଗାଁ ସାମ୍ବାଦିକ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ

**ଓଡ଼ଗାଁ, ୧୫ ।୩(ସମିସ):** ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ଆହ୍ୱାନରେ ଜିଲ୍ଲା ସାମ୍ବାଦିକ ସଂଘ ନୟାଗଡ଼ ପକ୍ଷରୁ ଗୁରୁବାରଠାରୁ ଜିଲ୍ଲା ବ୍ୟାପୀ ସାମ୍ବାଦିକମାନେ କଳାବ୍ୟାଜ୍ ପରିଧାନ କରି ନିରବ ପ୍ରତିବାଦ ଆରମ୍ଭ କରିଛନ୍ତି। ଜିଲ୍ଲା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ଡାକରାରେ ଓଡ଼ଗାଁ ସାମ୍ବାଦିକ ସଂଘ ପରିସରରେ କଳାବ୍ୟାଜ୍ ପରିଧାନ କରିବା ସହ ଦାବି ପୂରଣ ପାଇଁ ସ୍ଲୋଗାନ ଦେଇଥିଲେ। ସାମ୍ବାଦିକଙ୍କୁ ପେନ୍‌ସନ, ବୀମାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ଅନ୍ତର୍ଭୁକ୍ତ କରିବା, ସାମ୍ବାଦିକ ସୁରକ୍ଷା ଆଇନ ଇତ୍ୟାଦି ଲାଗୁ କରିବା ପାଇଁ ଦାବି କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ତଥା ଉପସଭାପତି ଆଦର୍ଶ ପଟ୍ଟନାୟକ, ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ର ପ୍ରମୁଖଙ୍କ ସହିତ ଫକୀର ମୋହନ ମହାରଣା, ନାରାୟଣ ପାଣିଗ୍ରାହୀ, ଅର୍ଜୁନ ସାହୁ, ଜୟକୃଷ୍ଣ ସାହୁ, ରିପନ କୁମାର ପଣ୍ଡା, ରାମକୃଷ୍ଣ ପରିଡ଼ା ପ୍ରମୁଖ ଉପସ୍ଥିତ ରହି କଳାବ୍ୟାଜ୍ ପରିଧାନ କରି ପ୍ରତିବାଦରେ ସାମିଲ ଥିଲେ।

## ଗ୍ରୀଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

**ଖଣ୍ଡପଡ଼ା, ୧୫ ।୩(ସମିସ):** ଫତେଗଡ଼ ଥାନା ଅଧୀନ ବନମାଳିପୁର ପଞ୍ଚାୟତ ପୁରୁଷୋତ୍ତମପୁର (ହାଟପଦା) ଗ୍ରାମର ମନୋଜ କୁମାର ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଫତେଗଡ଼ ଥାନାରେ ହୋଇଥିବା ଏତଲା ଅନୁଯାୟୀ, ମନୋଜ ତାଙ୍କ ପରିବାର ସହ ଭୁବନେଶ୍ୱରରେ ରହିଆସୁଥିବା ବେଳେ ମଝିରେ ମଝିରେ ଗାଁକୁ ଆସନ୍ତି। ଅନ୍ୟପକ୍ଷରେ ଏଠାରେ ଘର ତାଲା ପଡ଼ିବା ସହ ସୁରକ୍ଷା କାରଣରୁ ସିସିଟିଭି ଲଗାଯାଇଥିଲା। ତେବେ ଦୁଇଦିନ ତଳେ ସିସିଟିଭି ଅଚଳ



ଦେଖାଇବାରୁ ବନମାଳିପୁରରେ ରହୁଥିବା ଝିଆରୀକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଗତକାଲି ମନୋଜଙ୍କ ଝିଆରୀ ଘର ଦେଖିବାକୁ ଆସିବାରେ ତାଲା ଭାଙ୍ଗି ଲୁଟ୍ ହୋଇଥିବା ନେଇ ଖବର ଦେଇଥିଲେ। ଲୁଟେରାମାନେ ପ୍ରଥମେ ଘର ସମ୍ମୁଖ ଗ୍ରୀଲ୍ ଭାଙ୍ଗି ଭିତରେ ପଶିବା ସହ ଏକାଧିକ ରୁମ ତାଲା ଓ କବାଟ ଭାଙ୍ଗି ନଗଦ ୩୦ ହଜାର ଟଙ୍କା ଏବଂ ସୁନାଗହଣା ଲୁଟି ନେଇଛନ୍ତି। ଏ ସମସ୍ତ ଅଳଙ୍କାର ଓ ନଗଦ ଟଙ୍କା ମିଶି ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅଭିଯୋଗ ହୋଇଛି। ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାରୁ ରାତିରେ ଏହି ଲୁଟ୍ ହୋଇଥିବା ବେଳେ ଅତ୍ୟନ୍ତ ଚତୁରତାର ସହ ସିସିଟିଭି ଭାଙ୍ଗି ଲୁଟ୍ କରିଥିବା ବେଳେ ଏହାର ହାର୍ଡଡିସ୍କକୁ ମଧ୍ୟ ସାଥିରେ ନେଇ ଯାଇଛନ୍ତି। ଏ ନେଇ ଫତେଗଡ଼ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗତକାଲି ରାତିରେ ଘଟଣାସ୍ଥଳରେ ତଦନ୍ତ କରାଯାଇଥିବା ଜଣାପଡ଼ିଛି।

# ଦଶପଲ୍ଲାରୁ କଟକ ରେଳ ଚଳାଚଳ ଦାବି

**ନୟାଗଡ଼, ୧୫।୩(ସମିସ)**

ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଦଶପଲ୍ଲାଠାରେ ନବନିର୍ମିତ ରେଳ ଷ୍ଟେସନ ଗତ ଜାନୁଆରୀ ୬ ତାରିଖରେ ରେଳମନ୍ତ୍ରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହେବା ପରେ ନୟାଗଡ଼ ଟାଉନରୁ ଭୁବନେଶ୍ୱର ଯାଉଥିବା ସେବା ଏକ୍ସପ୍ରେସ ସେହି ଦିନଠାରୁ ଦଶପଲ୍ଲାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ନିୟମିତ ଚଳାଚଳ କରୁଛି। ସେହିପରି ନୟାଗଡ଼ରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନଟି ମଧ୍ୟ ଦଶପଲ୍ଲାରୁ ପୁରୀକୁ ନିୟମିତ ଚଳାଚଳ କରୁଛି। ରେଳସେବା ଜିଲ୍ଲାର ଦଶପଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବା ପରଠାରୁ ଏହି ରୁଟ୍‌ରେ ଯାତ୍ରୀଙ୍କ ସଂଖ୍ୟା ନିୟମିତ ବୃଦ୍ଧି ପାଇବାରେ ଲାଗିଛି। ଦଶପଲ୍ଲା ନିକଟବର୍ତ୍ତି ଗଣିଆ, ଛାମୁଣ୍ଡିଆ, ବଡ଼ସିଲିଙ୍ଗା, ବାଣିଗୋଛା, ଟାକେରା, କଳସଖମଣ ଏପରିକି ବୌଦ୍ଧ, ଚାରିଛକ, ମାଧପୁର ଆଦି




ଅଞ୍ଚଳରୁ ଲୋକମାନେ ପ୍ରତିଦିନ ଭୁବନେଶ୍ୱର ଏବଂ ପୁରୀ ଯା'ଆସ କରୁଛନ୍ତି।

ତେବେ ଓଡ଼ିଶାର ବ୍ୟବସାୟିକ ପ୍ରାଣକେନ୍ଦ୍ର ଭାବେ ପରିଚିତ କଟକକୁ ଲୋକମାନେ ପ୍ରତ୍ୟହ ବିଭିନ୍ନ କାମରେ ଯିବା ଆସିବା କରିଥାନ୍ତି। ଓଡ଼ିଶାର ବଡ଼ ଡାକ୍ତରଖାନା କଟକ ଏସସିବି ମେଡିକାଲ କଲେଜ ଏବଂ ଉଚ୍ଚ ନ୍ୟାୟାଳୟ ଏଠାରେ ଥିବାରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ କଟକ ଆସିଥାନ୍ତି। ଗରିବ ରୋଗୀଟିଏ ଚିକିତ୍ସାପାଇଁ ମୁଖ୍ୟତଃ କଟକ ବଡ଼ ମେଡିକାଲ ଉପରେ ନିର୍ଭରଶୀଳ ହୋଇଥାଏ। ସେହିପରି ବିଭିନ୍ନ ମାଲିମୋକଦ୍ଦମା ପାଇଁ ଲୋକମାନେ କଟକ ହାଇକୋର୍ଟ ଆସିଥାନ୍ତି। ତେବେ ଜିଲ୍ଲାରୁ କଟକ ଯିବାପାଇଁ ସିଧାସଳଖ କୌଣସି ଯାତ୍ରୀବାହୀ ଗାଡ଼ି ନଥିବାରୁ ଜନସାଧାରଣ ହଇରାଣ ହୋଇଥାନ୍ତି। ଗରିବ ଲୋକଟିଏ କଟକ ଆସିବା ପାଇଁ ଦୁଇ ତିନୋଟି ଗାଡ଼ି ବଦଳାଇବାକୁ ବାଧ୍ୟ ହୋଇଥାଏ। ଫଳରେ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ସମୟର ଅପଚୟ ଘଟିଥାଏ। ଅପରପକ୍ଷରେ ଦଶପଲ୍ଲା ଯାଉଥିବା ସେବା ଏକ୍ସପ୍ରେସ ନଂ ୧୮୪୨୪ ମେମୁ ଟ୍ରେନଟି ଭୁବନେଶ୍ୱରରୁ ସକାଳ ୯:୪୦ରେ ଦଶପଲ୍ଲାକୁ ଫେରୁଥିବା ବେଳେ ଠିକ ତା'ର ୫ମିନିଟ ପୂର୍ବରୁ ଭଦ୍ରକ-ଦଶପଲ୍ଲା ଟ୍ରେନ ନଂ୦୮୫୫୫ ଭୁବନେଶ୍ୱରରୁ ଦଶପଲ୍ଲା ଅଭିମୁଖେ ବାହାରିଥାଏ। ଫଳରେ ଭୁବନେଶ୍ୱରରୁ ଫେରୁଥିବା ସେବା ଏକ୍ସପ୍ରେସ ଟ୍ରେନଟି ପ୍ରାୟ ଖାଲିଖାଲି ଫେରିଥାଏ। ଅନ୍ୟପକ୍ଷରେ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ଏହି ସେବା ଏକ୍ସପ୍ରେସ ଟ୍ରେନଟି ଭୁବନେଶ୍ୱରରୁ ନଫେରି କଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେଲେ ଜିଲ୍ଲାର ବହୁ ଜନସାଧାରଣ ଉପକୃତ ହୋଇପାରନ୍ତେ। ଏ ନେଇ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ରେଳ ବିଭାଗର ଉପରିସ୍ଥ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରାଯାଇଛି। ଜିଲ୍ଲାର ଜନସାଧାରଣଙ୍କ ଅଶା ଆକାଂକ୍ଷା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରେଳ ବିଭାଗ ତୁରନ୍ତ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ସେବା ଏକ୍ସପ୍ରେସ ଟ୍ରେନ୍ ସେବାକୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁ ଦାବି ଜଣାଇଛନ୍ତି।




# ଶ୍ରୀକ୍ଷେତ୍ର ସିଟି

୧୫/୩/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୦୬,୯୮୪/- ସୁନା: ୦୦.୨୮୦ ଗ୍ରାମ୍ ରୁପା: ୮୪.୭୦୦ ଗ୍ରାମ୍





## ଆଜିଠୁ ତିନିଦିନିଆ ଶ୍ରୀକ୍ଷେତ୍ର ନାଟକ ମହୋତ୍ସବ

**ପୁରୀ, ୧୫।୩(ସମିସ):** ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାରଠାରୁ ତିନିଦିନିଆ ରାଜ୍ୟସ୍ତରୀୟ ଶ୍ରୀକ୍ଷେତ୍ର ନାଟକ ମହୋତ୍ସବ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୁରୀ ତଥା ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ନାଟକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ନାଟ୍ୟଶାଳା ତରଫରୁ ଏହି ମହୋତ୍ସବ ଆୟୋଜନ କରାଯାଉଛି। ପ୍ରଥମ ସନ୍ଧ୍ୟାରେ ପାରାଦ୍ୱୀପର କ୍ୟାନମାସ୍ ନାଟ୍ୟସଂସ୍ଥା 'ମିଥ୍ୟାବାଦୀ ଜିନ୍ଦାବାଦ୍' ନାଟକ ପରିବେଷଣ କରିବେ। ଦ୍ୱିତୀୟ ସନ୍ଧ୍ୟାରେ ଭୁବନେଶ୍ୱରର ପଞ୍ଚମବେଦ ନାଟ୍ୟ ସଂସ୍ଥାର ନାଟକ 'ପୁତ୍ରପୂଜା' ଏବଂ ଅନ୍ତିମ ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ନାଟ୍ୟଶାଳାର ନିଜସ୍ୱ ନାଟକ 'ରାସ୍ତା' ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତି ସନ୍ଧ୍ୟାରେ ନାଟକ କ୍ଷେତ୍ରରେ ପ୍ରତିଷ୍ଠିତ ୬ ଜଣ ଦିଗ୍ଗଜ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ଉତ୍ସବ କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର ଏବଂ ଶ୍ରୀକ୍ଷେତ୍ର ନାଟ୍ୟଶାଳାର ସମ୍ପାଦକ ଲକ୍ଷ୍ମୀଧର ପୂଜାପଣ୍ଡା ଜଣାଇଛନ୍ତି।

### ଆଦର୍ଶ ବିଦ୍ୟାଳୟ ସ୍ଥାୟୀ ଶ୍ରେଣୀଗୃହ ନିର୍ମାଣରେ ବିଳମ୍ବ

## ଜିଲ୍ଲାପାଳଙ୍କୁ ଫେରାଦହେଲେ ଅଭିଭାବକ ମହାସଂଘ

**ପୁରୀ, ୧୫।୩(ସମିସ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ ଶ୍ରେଣୀଗୃହ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବାରୁ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ଶୁକ୍ରବାର ଅଭିଭାବକ ମହାସଂଘ ସଭାପତି ଅଶୋକ ପ୍ରଧାନ ଓ ସମ୍ପାଦକ ମୋହନ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଆଦର୍ଶ ବିଦ୍ୟାଳୟର ସ୍ଥାୟୀ ଶ୍ରେଣୀଗୃହ ନ ଥିବାରୁ ଅନ୍ୟତ୍ର ଷଷ୍ଠ ଓ ସପ୍ତମ ଶ୍ରେଣୀର ଶିକ୍ଷାଦାନ ଚାଲୁଛି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପୁନର୍ବାର ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀ ନାମ ଲେଖା ହେଲେ ପଢ଼ିବାରେ ସମସ୍ୟା ହେବ। ଆଦର୍ଶ ବିଦ୍ୟାଳୟର ସ୍ଥାୟୀ ଶ୍ରେଣୀଗୃହ ପୂର୍ଣ୍ଣାଙ୍ଗ ହେବାରେ ଠିକାଦାର ବିଳମ୍ବ କରୁଛନ୍ତି। ପାଚେରି ନିର୍ମାଣ, ବିଦ୍ୟୁତ୍ ଓ ପାଣି ସଂଯୋଗ ଆରମ୍ଭ ହୋଇନାହିଁ। ଯାହା ଯଣାପଡୁଛି ଚଳିତବର୍ଷ ଉକ୍ତ ଅର୍ଦ୍ଧନିର୍ମିତ ବିଦ୍ୟାଳୟରେ ଶିକ୍ଷାଦାନ କରାଯାଇ ପାରିବ ନାହିଁ। ବ୍ଲକର ଅନ୍ୟ କୌଣସି ସରକାରୀ ସରକାରୀ ଶିକ୍ଷାନୁଷ୍ଠାନରେ ୩ଟି ଶ୍ରେଣୀର ପିଲା ପଢ଼ିବା ଭଳି ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିପାରିବେ ନାହିଁ। ତେଣୁ ଏହାକୁ ସହୃଦୟତାର ସହ ଗ୍ରହଣ କରି ବିହିତ ପଦକ୍ଷେପ ନେବା ଲାଗି ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

**ପୁରୀ, ୧୫।୩(ସମିସ):** ସ୍ଥାନୀୟ ସର୍କିଟ ହାଉସ୍‌ରେ ଶୁକ୍ରବାର ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ସଭା ତଥା ଆଇନ ସମ୍ପର୍କୀତ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଉପନିୟନ୍ତ୍ରିକା (ଓଜନ ଓ ମାନ ବିଭାଗ) ପ୍ରଗତି ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ, ଜିଲ୍ଲା ଉପ ସୂଚନା ଅଧିକାରୀ ଆର୍.କେ. ପାତ୍ର ଜିଲ୍ଲାରେ ଖାଉଟିମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ନ୍ୟାୟ ପରିଷଦର ପୂର୍ବତନ ସଭ୍ୟ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଖାଉଟି ସୁରକ୍ଷା ଅଧିନିୟମ-୨୦୧୯ ଏବଂ ଖାଉଟି




ମାମଲାର ଦାଖଲ ଓ ପରିଚାଳନା ସମ୍ପର୍କରେ ବୁଝାଇ କହିଥିଲେ। ଜିଲ୍ଲା ଯୋଗାଣ ବିଭାଗ ଯାଞ୍ଚ କମିଟି ସଦସ୍ୟ ଶ୍ୟାମପ୍ରକାଶ ସେନାପତି ଖାଉଟିମାନଙ୍କର ଅଧିକାର ଏବଂ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିମାପଡ଼ାର ନିହିଡ଼ା ଅନୁଷ୍ଠାନ ପରିଚାଳନା କରିବା ସହ ନିହିଡ଼ାର ସମ୍ପାଦକ ଭକ୍ତବିହାରୀ ମିଶ୍ର ଏହାକୁ ସଂଯୋଜନା କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ନାୟକ, ନିହିଡ଼ାର ସଂଯୋଜକ ବିଜୟ କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଖାଉଟି ସଚେତନତା ସମ୍ପର୍କରେ ବୁଝାଇଥିଲେ। ବିଶ୍ୱ ଖାଉଟି ଦିବସର ବାର୍ତ୍ତା 'କୃତ୍ରିମ ବୁଦ୍ଧିମତାର ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ ଉପଯୋଗ' ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ନିହିଡ଼ାର ସଂଯୋଜକ ଶଶୀଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମିଶନ ଶକ୍ତି ମହିଳା ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନିର୍ବାଚନକୁ ଅବାଧ, ମୁକ୍ତ ପରିଚାଳନା ପାଇଁ ପରାମର୍ଶ

# ବିନା ଭୟ, ପକ୍ଷପାତିତାରେ କାମ କରିବାକୁ ନିର୍ଦ୍ଦେଶ

**ପୁରୀ, ୧୫।୩(ସମିସ)**

ନିର୍ବାଚନ ଘୋଷଣା ହେବା କ୍ଷଣି ସମସ୍ତ କର୍ମଚାରୀ ଭାରତର ନିର୍ବାଚନ କମିଶନରଙ୍କ ଅଧୀନରେ ପରିଚାଳିତ ହେବେ। ତେଣୁ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା ସହ ବିନା ଭୟ ବା ପକ୍ଷପାତିତାରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଗାମୀ ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟକର ବିଭାଗ, ଜିଏସ୍‌ଟି, ରିଜର୍ଭ ବ୍ୟାଙ୍କର ବିବିଧ ଶାଖା, ଏନ୍‌ସିବି, ଏସ୍‌ଏଲବିଏସ୍, ଏଏଆଇ, ଭାରତୀୟ ତଟରକ୍ଷୀ ବାହିନୀ, ଆରପିଏଫ, ସିଆଇଏସ୍‌ଏଫ, ବିଏସ୍‌ଏଫ, ଆସାମ ରାଇଫଲ୍ସ, ଆରକ୍ଷୀ ବିଭାଗ, ଅବକାରୀ ବିଭାଗ, ପରିବହନ ବିଭାଗ, ବେସାମରିକ ବିମାନ ଚଳାଚଳ ଓ ଜଙ୍ଗଲ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନେଣ ଦେଣ ହେଉଥିଲେ ତାହାକୁ ଅନୁଧ୍ୟାନ କରିବା, ତାହାର ସଠିକତା ଯାଞ୍ଚ କରି ପଦକ୍ଷେପ ନେବା, ସମସ୍ତଙ୍କ ପ୍ରତି ସମଭାବାପନ୍ନ ମନୋଭାବ ପୋଷଣ କରିବା, ସମସ୍ତଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ।



ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି କାର୍ଯ୍ୟ କରିବ। ଅର୍ଥ, ମାଦକ ଦ୍ରବ୍ୟ, ଉପହାର ଇତ୍ୟାଦି ସମ୍ପର୍କରେ ଏହି ଏଜେନ୍ସି ମିଳିତ ଭାବେ ଧରପଗଡ଼ କରିବ। ସନ୍ଦିଗ୍ଧ ଘଟଣା, ନେଣଦେଣ ଉପରେ ଏହି ଏଜେନ୍ସି ଦୃଷ୍ଟି ରଖିବା ସହ ନିୟମିତ ଧରପଗଡ଼ କରିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେଣୁ ବିନା ଭୟ ବା ପକ୍ଷପାତିତାରେ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱକୁ ନିରପେକ୍ଷତାର ସହ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ସି ଭିଜିଲ ମାଧ୍ୟମରେ ୧୦୦ ମିନିଟ୍ ମଧ୍ୟରେ ଅଭିଯୋଗ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା ଥିବାରୁ ଏହାକୁ ଗୁରୁତର ସହ ଅନୁପାଳନ କରିବାକୁ ଉଭୟ ଜିଲ୍ଲାପାଳ ଓ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ନିର୍ବାଚନ ରାକେଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ଏସ୍‌ସିଏସ୍ କଲେଜ ଏମ୍‌ବିଏ, ଏମ୍‌କମ୍ ଓ ବିବିଏ ବିଭାଗ

## ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ମହୋତ୍ସବ 'ଅଭିନନ୍ଦନ'



**ପୁରୀ, ୧୫।୩(ସମିସ)**

ଟାଉନ ହଲ୍‌ରେ ଶୁକ୍ରବାର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ, ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ଏବଂ ବିବିଏ ବିଭାଗର ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କର ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ଅଭିନନ୍ଦନ' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର ଏହାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରତିପାଦିତ କରିବା ପାଇଁ ଏହା ଏକ ପ୍ରକୃଷ୍ଟ କାର୍ଯ୍ୟକ୍ରମ ବୋଲି କହିଥିଲେ। ଏମ୍‌ବିଏ ଓ ବିବିଏ ବିଭାଗ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୋନାଲି ସମରଥ, ସ୍ଥିତିପ୍ରଜ୍ଞା ମହାପାତ୍ର, ମଧୁସ୍ମିତା ନାୟକ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ପୂର୍ବ ଶିକ୍ଷା ବର୍ଷରେ ଏମ୍‌ବିଏ ଓ ବିବିଏର ଟପ୍ପରମାନଙ୍କୁ, ଏନ୍‌ଏସ୍‌ଡିସି ଓ ବାଜାଜ୍ ଫିନ୍‌ସର୍ଭ ଦ୍ୱାରା ପ୍ରାୟୋଜିତ ସିପିବିଏଫ୍‌ଆଇରେ ସାର୍ଟିଫାଇଡ୍ ହୋଇଥିବା ବିଭାଗୀୟ ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ଏକକ ଓଡ଼ିଶୀ ନୃତ୍ୟରେ ଯଶସ୍ୱିନୀ ଓ ଅଙ୍କିତା, ଏକକ କଥକ ନୃତ୍ୟରେ ମିତିଷ୍ଠା ଏବଂ ଏକକ ସମ୍ବଲପୁରୀ ଲୋକନୃତ୍ୟରେ ଶୁଭ୍ରକାନ୍ତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହା ପରେ ଗ୍ରୁପ୍ ଡ୍ୟାନ୍ସ ଏବଂ ଏକକ ନୃତ୍ୟ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ର୍‌ୟାମ୍ପ ୱାକ୍ ବେଶ୍ ସବୁଠୁ ଆକର୍ଷଣୀୟ ଥିଲା। କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ପରିଚାଳନା କରିଥିବା ବେଳେ ବିଭାଗୀୟ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ରାଜେଶ ତ୍ରିପାଠୀ ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ ଓ ସୌମ୍ୟା ମହାନ୍ତି ପ୍ରତ୍ୟକ୍ଷ ସହଯୋଗିତା ପ୍ରଦାନ କରିଥିଲେ।

### ଦୁର୍ଦ୍ଦାନ୍ତ ଅପରାଧୀ ନଣ୍ଡା ଗିରଫ

## ବୟସ ୪୭, ମାମଲା ବି ୪୭

**ପୁରୀ, ୧୫।୩(ସମିସ):** ଅସ୍ତରଙ୍ଗ ପୁଲିସକୁ ମିଳିଛି ବଡ଼ ସଫଳତା। ବଡ଼ ବଡ଼ ଚୋରି, ଡକାୟତି ଘଟଣାରେ ସମ୍ପୃକ୍ତ ଦୁର୍ଦ୍ଦାନ୍ତ ଅପରାଧୀ ନିରଞ୍ଜନ ସ୍ୱାଇଁ ଓରଫ୍ ନଣ୍ଡାକୁ କାବୁ କରିଛି ପୁଲିସ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଭିଯୁକ୍ତ ନଣ୍ଡା, ଯାହାର ବୟସ ୪୭ ଆଉ ତା' ନାଁରେ ୪୭ଟି ମାମଲା ରହିଛି। ରାଜଧାନୀର ବିଭିନ୍ନ ଥାନାରେ ୪୬ଟି ମାମଲା ଥିବାବେଳେ ଗୋଟିଏରେ ସେ ଅପରାଧୀ ସାବ୍ୟସ୍ତ ହୋଇଛି। ଅସ୍ତରଙ୍ଗ ଥାନାରେ ରୁଜୁ ମାମଲା ମିଶିବା ପରେ ନଣ୍ଡା ନାଁରେ ୪୮ଟି ମାମଲା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କିଛିଦିନ ହେବ ଅସ୍ତରଙ୍ଗ ଅଞ୍ଚଳରେ ଚୋରି, ଡକାୟତି ବଢ଼ିଛି। ତେବେ ଏହି ବଡ଼ ବଡ଼ ଚୋରି କରୁଛି କିଏ? ସ୍ଥାନୀୟ ଅଞ୍ଚଳର ଲୁଟେରା ନା ବାହାରୁ ଆସି ଚୋରି କରୁଛନ୍ତି ଦୁର୍ବୃତ୍ତ। ଏହାକୁ ନେଇ ପୁଲିସ ସନ୍ଦେହ ଭିତରେ ରହିଥିଲା। ତେବେ ଗତ ଜାନୁୟାରୀ ୨୭ ତାରିଖରେ ଆଳସାହିର ବିଷ୍ଣୁଚରଣ ମଲ୍ଲିକ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ରାତି ପ୍ରାୟ ୨ଟା ୨୦ରେ ୫ ଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ତାଙ୍କ ଘର ଭିତରେ ପଶିଥିଲେ। ଛୁରୀ, ବନ୍ଧୁକ ଦେଖାଇ ସୁନାରୁପା ଅଳଙ୍କାର ଏବଂ ଟଙ୍କା ଲୁଟ୍ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଅସ୍ତରଙ୍ଗ ପୁଲିସ ଏକ ମାମଲା (ନଂ.୨୧/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ଅସ୍ତରଙ୍ଗ ଥାନା ଅଧିକାରୀଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଥିଲା। ତେବେ ନଣ୍ଡା ଏହି ଚୋରିରେ ସାମିଲ ଥିଲା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଥାନାଧିକାରୀ ରାଜେଶ ବଳିୟାରସିଂଙ୍କ ନେତୃତ୍ୱ ରେ ସ୍କ୍ୱାର୍ଡ ଗୁରୁବାର ଭୋର ସମୟରେ ତାଙ୍କ ଗାଁ ବେଗୁନିଆବସ୍ତରେ ଚଢ଼ାଉ କରିଥିଲା। ହେଲେ ନଣ୍ଡା ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ହାତରୁ ଖସିପାରି ନ ଥିଲା। ପୁଲିସ ଗିରଫ କରିବା ପରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ଅପରାହ୍ନରେ ନଣ୍ଡାକୁ କୋର୍ଟଚାଲାଣ ଥାନାଧିକାରୀ ବଳିୟାରସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନଣ୍ଡା ନାଁରେ ପୂର୍ବରୁ ରାଜଧାନୀରେ ବିଭିନ୍ନ ଥାନାରେ ୪୭ଟି ମାମଲା ରହିଛି।

**ଭୁବନେଶ୍ୱର ବିଭିନ୍ନ ଥାନାରେ ରହିଛି ମାମଲା**

### ହାଇକୋର୍ଟରେ ରତ୍ନ ଭଣ୍ଡାର ଚାବି ହଜିବା ମାମଲା

## ତଦନ୍ତ କମିସନ ରିପୋର୍ଟର ସ୍ଥିତି ଜଣାଇବେ ସରକାର

**କଟକ, ୧୫ ।୩ (ସମିସ)**

ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଜଷ୍ଟିସ ରଘୁବୀର ଦାଶ ତଦନ୍ତ କମିସନ୍ ଦାଖଲ କରିଥିବା ରିପୋର୍ଟର ସ୍ଥିତି ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଏହାକୁ ରାଜ୍ୟ ସରକାର ଦାଖଲ କରିନାହାନ୍ତି। ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ ପାଇଁ ସରକାର ଆଉ ତିନି ସପ୍ତାହ ସମୟ ମାଗିଛନ୍ତି ଏବଂ ଅଦାଲତ ମଧ୍ୟ ମହଲତ ପ୍ରଦାନ କରିଛନ୍ତି। ଆସନ୍ତା ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୫କୁ ଧାର୍ଯ୍ୟ ହୋଇଛି।

### ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ

# ଏସ୍‌ଆରସିଙ୍କ ମାର୍ଗଦର୍ଶିକା ଅନୁପାଳନକୁ ଗୁରୁତ୍ୱ

**ପୁରୀ, ୧୫।୩(ସମିସ)**




ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଓଶଓ୍ୱାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସମସ୍ତ ବିଭାଗ ବିଗତ ବର୍ଷମାନଙ୍କ ପରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଶ୍ରମ, ପରିବହନ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଓ ଏସ୍‌ଆରସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକାକୁ ସଠିକ ଭାବେ ଅନୁପାଳନ, ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ସୁବିଧା, ସବୁ ନଳକୂପ ମରାମତି, ଜଳଛତ୍ର, ପଶୁ ପକ୍ଷୀଙ୍କ ପାଇଁ ପାନୀୟଜଳ ପାତ୍ର ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର, ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଣ୍ଟକୁ ଅନୁପାଳନ କରିବାକୁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ପଶୁ ପକ୍ଷୀଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ନିକଟରେ ପାତ୍ରରେ ପାଣି ରଖିବା ବ୍ୟବସ୍ଥା, ଅତି ଆବଶ୍ୟକ ନ ହେଲେ ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି, ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା, ଟୋପି ଇତ୍ୟାଦି ବ୍ୟବହାର କରିବା, ଅଂଶୁଘାତର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ପୂର୍ବାହ୍ନ ୧୧ରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କ୍ଷେତ୍ରରେ ଛାଇ ଓ ପାନୀୟ ବ୍ୟବସ୍ଥା କରିବା, ଓଆରଏସ୍ ରଖିବା ଓ ଶ୍ରମିକମାନଙ୍କୁ ସଚେତନ କରାଇବା, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡିକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପରିଚାଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ସିଡିଏମ୍‌ଓ ଡା. ସୁଜାତା ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର ଗ୍ରୀଷ୍ମପ୍ରବାହର ଆକ୍ସନ ପ୍ଲାନ ଅନୁସାରେ ମୁକାବିଲା ପାଇଁ ଅନୁରୋଧ କରିଥିଲେ। ଆଭାସୀ ମାଧ୍ୟମରେ ପ୍ରତ୍ୟେକ ବ୍ଲକରେ ବିଡ଼ିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ।

## ବ୍ରହ୍ମଗିରିକୁ ଏନ୍‌ଏସି ମାନତ୍ୟ ଦାବି ଜୋର୍ ଧରିଲା

**ପୁରୀ, ୧୫।୩(ସମିସ):** ପୁରୀ ଜିଲ୍ଲାର ବ୍ରହ୍ମଗିରିକୁ ଏନଏସି ମାନ୍ୟତା ଦାବି ଜୋର୍ ଧରିଲା। ଏ ନେଇ ଶୁକ୍ରବାର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଯାଇ ଲୋକସଭା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ଭେଟି ବ୍ରହ୍ମଗିରିବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମଗିରିକୁ ଆନୁଷ୍ଠାନିକ ଭାବେ ଏନଏସି ମାନ୍ୟତା ପାଇଁ ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମାଙ୍କ ଉପସ୍ଥିତିରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ସମବାୟ ନିର୍ଦ୍ଦେଶକ ଭଗବାନ ନାୟକ, ପୂର୍ବତନ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ ଓ ଭୁବନପୁର ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଆଲୋକ ପ୍ରଧାନ ଏବଂ କହଳପଦା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରଞ୍ଜନ ଷଡ଼ଙ୍ଗୀ କ୍ରିକେଟ୍: ଶ୍ରୀରାମ ଦଳ ବିଜୟୀ

**ପୁରୀ, ୧୫।୩(ସମିସ):** ପୁରୀ ପୁଲିସ ପଡ଼ିଆରେ ଚାଲିଛି ସପ୍ତମ ରଞ୍ଜନ ଷଡ଼ଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍ ବଳଭଦ୍ର ବନାମ ଶ୍ରୀରାମ ଦଳ ମଧ୍ୟରେ ଖେଳାଯାଇଥିଲା। ବଳଭଦ୍ର ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ଫଳରେ ପ୍ରଥମେ ବ୍ୟାଟିଂ କରିଥିଲା ଶ୍ରୀରାମ ଦଳ। ଉପଅଧିନାୟକ ଦୁଷ୍ମନ୍ତ ଓ ଶ୍ରୀଧର ଓପନିଂ କରିଥିଲେ। ଦୁହେଁ ପ୍ରଥମ ୱିକେଟରେ ୪୭ ରନ୍ ସଂଗ୍ରହ କରିଥିଲେ। ହେଲେ ଗୋଟିଏପଟେ ଶ୍ରୀଧର ଧୂଆଁଧାର ବ୍ୟାଟିଂ କରିଥିଲେ। ଦଳ ପକ୍ଷରୁ ଉଦିତ୍, କ୍ୟାପଟେନ ବାପି, ହାପି, ସାନୁ ବ୍ୟାଟିଂ କରିଥିବା ବେଳେ ଶ୍ରୀଧର ସର୍ବାଧିକ ୭୭ ରନ କରିଥିଲେ। ଫଳରେ ଶ୍ରୀରାମ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୭୪ ରନ କରିଥିଲା। ପ୍ରତିପକ୍ଷ ବଳଭଦ୍ର ଦଳ ୧୩୫ ରନରେ ସୀମିତ ରହିଥିଲା। ଶ୍ରୀରାମ ଦଳର ଶ୍ରୀଧରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା।

# କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୃଷ୍ଣପ୍ରସାଦ, ୧୫ ।୩(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଧିନସ୍ଥ ଓରାଗାଁ ମୁଣ୍ଡିଆ ରାସ୍ତା କଡ଼ରେ ୧୩ ତାରିଖ ରାତି ୮ଟା ବେଳେ ଓରା ଗ୍ରାମର ପି ଚିନୁ ରାଓ (୨୦) ନାମକ ଜଣେ ଯୁବକ ଠିଆ ହୋଇଥିଲା ବେଳେ ଏକ ଅଜଣା କାର୍ ତାଙ୍କ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । କିଛି ସମୟ ପରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜ ମେଡିକାଲ ନେଇଥିଲେ । ଅବସ୍ଥା ଗୁରୁତର ଦେଖି ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ । ସେଠି ନିରାଶ ହେବା ପରେ ଭୁବନେଶ୍ୱର ଦୁଇ ତିନୋଟି ଘରୋଇ ହସ୍ପିଟାଲ ନେଇଥିଲେ । ୧୪ ତାରିଖ ସନ୍ଧ୍ୟା ବେଳେ ତାଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ବିଶାଖାପାଟଣା ନେଉଥିବା ବେଳେ ଅଧାରାସ୍ତାରୁ ଫେରାଇ ଆଣିଥିଲେ । ଶେଷରେ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କହିଥିଲେ । ପରେ କୃଷ୍ଣପ୍ରସାଦ ଥାନାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

# ସାମ୍ବାଦିକଙ୍କ ସୁରକ୍ଷା ପାଇଁ ପଦଯାତ୍ରା

**ପିପିଲି, ୧୫ ।୩(ସମିସ):** ରାଜ୍ୟରେ ସମସ୍ତଙ୍କ ପାଇଁ ସରକାର ସହାୟତା ଘୋଷଣା କରୁଛନ୍ତି । ତେବେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସାମ୍ବାଦିକମାନଙ୍କ ପାଇଁ କୌଣସି ପ୍ରକାର ବିଶେଷ ସହାୟତା ଘୋଷଣା କରୁନାହାନ୍ତି । ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମାକୁ ଛାଡ଼ିଦେଲେ ଆଉ କୌଣସି ପ୍ରକାର ସହାୟତା ପାଇ ପରୁନାହାନ୍ତି । ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ମାସିକ ଦରମା ଲାଗୁ କରିବା ସହିତ ୫ ଦଫା ଦାବି ରହିଛି । ଉକ୍ତ ଦାବି ନେଇ ଗୋପ ବ୍ଲକର କାର୍ଯ୍ୟରତ ସମ୍ବାଦିକମାନେ ବରିଷ୍ଠ ସାମ୍ବାଦିକ ମିଳନ ମହାନ୍ତି, ଭାରତୀ ଭୂଷଣ ଉପାଧ୍ୟାୟ, ଶୁରେଶ କୁମାର ସାହୁ, ପ୍ରଶାନ୍ତ କୁମାର ରାୟ, ସଞ୍ଜୟ ସେନାପତି, ଶତ୍ରୁଘ୍ନ ସେନାପତିଙ୍କ ସମେତ ସାମ୍ବାଦିକ ଗୋପରୁ ପଦଯାତ୍ରାରେ ବାହାରି ଅପରାହ୍ନରେ ପିପିଲି ଠାରେ ପହଞ୍ଚି ଥିଲେ । ସେଠାରେ ପିପିଲି ଅଞ୍ଚଳର ସାମ୍ବାଦିକ ପ୍ରଦୀପ ବଢେଇ, ଦିବାକର ଷଡ଼ଙ୍ଗୀ, ପ୍ରତାପ ବାରିକ, ରାକ କିଶୋର ଦାଶଙ୍କ ସମେତ ବହୁ ସାମ୍ବାଦିକ ସେମାନଙ୍କୁ ସ୍ୱାଗତ କରିଥିଲେ । ଏହା ପରେ ଶୋଭାଯାତ୍ରା ଭୁବନେଶ୍ୱର ଅଭିମୁଖେ ଯାଇଥିଲା ।

# ଟ୍ରକ୍‌କୁ ଧକ୍କା ଦେଲା ଅଟୋ



**ନୂଆପଲମହାଟ, ୧୫ ।୩(ସମିସ)** ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ପୁରୁଣା ପୁଲିସ ଆଉଟ ପୋଷ୍ଟ ନିକଟରେ ଅଟୋ ନଂ- ଓଡି-୧୩ଏଫ-୫୪୩୨ ନିମାପଡ଼ା ପଟୁ ଆସୁଥିବା ଏକ ହାଇୱା ଓଡି୦୨-ଏଏକ୍ସ-୭୩୧୧କୁ ସାମନା ପଟୁ ଧକ୍କା ଦେଇଥିଲା । ଟ୍ରକ୍‌ର ବେଗ କମ୍ ଥିବାରୁ ଅଟୋ ଚାଳକ ଏବଂ ଅଟୋରେ ବସିଥିବା ଯାତ୍ରୀ ସୁରକ୍ଷିତ ଅଛନ୍ତି ଖବରରୁ ଜଣାଯାଇଛି ଯେ ଅଟୋ ଚାଳକ ବହୁ ମାତ୍ରାରେ ମଦ୍ୟପାନ କରିଛନ୍ତି । ଘଟଣାସ୍ଥଳରେ ନୟାହାଟ ପୁଲିସ ପହଁଞ୍ଚ଼ିଚ ରାସ୍ତା ସଫା କରିବା ସହିତ ଦୁଇଟି ଗାଡିକୁ ଜବତ କରିଛନ୍ତି । ଗତ କିଛି ଦିନ ତଳେ ଚାରିଛକ ନିକଟରେ ଏକ ବାଲି ବୋଝେଇ ଟ୍ରକ୍ ଜଣଙ୍କୁ ଚାପି ମାରି ଦେଇଥିଲା । ତେବେ ଦିନ ବେଳେ ଜନଗହଳିପୂର୍ଣ୍ଣ ବଜାରରେ ବାଲି ବୋଝେଇ ଟ୍ରକ୍ ବହୁ ସଂଖ୍ୟାରେ ଯା ଆସ କରୁଛନ୍ତି । ଯାହାଫଳରେ ରାସ୍ତା ଜାମ୍ ହେବା ସହ ଟ୍ରାଫିକ୍ ସମସ୍ୟା ହେଉଛି । ତେଣୁ ଟ୍ରକ୍‌ଗୁଡିକୁ ରାତ୍ରି ୧୨ରୁ ସକାଳ ୬ ଟା ପର୍ଯ୍ୟନ୍ତ ଚଳାଚଳ କରି ଅନ୍ୟ ସମୟରେ ଚଳାଚଳ ବନ୍ଦ ରଖିବାକୁ ସାଧାରଣରେ ଦାବି ହେଉଛି ।

# ପାଞ୍ଚଣାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ



**ନୟାହାଟ, ୧୫ ।୩(ସମିସ):** ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ପାଞ୍ଚଣା ଗ୍ରାମରେ ବାଲୁଙ୍କେଶ୍ୱର ମହାଦେବ ପିଠରେ ବାର୍ଷିକ ଅଷ୍ଟପ୍ରହରୀ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଛି ।ଏହି ଅଷ୍ଟ ପ୍ରହରୀରେ ବିଭିନ୍ନ ଅଞ୍ଚଳକୁ ୧୨ ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ଧରିବାରେ ସହଯୋଗ କରିଥିଲେ । ଅଷ୍ଟ ପ୍ରହରୀ ନାମ ସଂକୀର୍ତ୍ତନ ହରିବୋଲ ହୁଳହୁଳିରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

# ପାଳଗଦାରୁ ୩ ନାଗ ଉଦ୍ଧାର



**ଚାରିଛକ/ନୟାହାଟ, ୧୫ ।୩(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ଆଇଁସୁମୂଳ ଗ୍ରାମର ମନା ବେହେରା ପାଳଗଦାରୁ ତିନୋଟି ନାଗ ସାପ ଉଦ୍ଧାର କରାଯାଇଛି ।ପ୍ରକାଶ ଯେ ଶୁକ୍ରବାର ଦିନ ମନା ବେହେରା ନିଜ ଘରେ ଥିବା ଗାଈକୁ ଖାଇବାକୁ ଦେବାକୁ କୁଟାଗଦା ପାଖକୁ ଯାଇଥିଲେ ।ସେଠାରେ କୁଟା ଓଟାରିବା ବେଳକୁ ଏକ ନାଗ ସାପ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ । ପରେ ସ୍ନେକ ହେଲ୍ପ ଲାଇନ୍ କର୍ମୀଙ୍କୁ ଫୋନ କରି ଡାକିବା ସହ ନିକଟରେ ଥିବା ଜେସିବି ମେସିନ ଦ୍ୱାରା କୁଟା ଗଦାକୁ ଖେଳାଇ ଥିଲେ । ଆସିଥିବା ସାପ ଧରାଳୀ ସେହି ଗଦା ଭିତରୁ ତିନୋଟି ନାଗ ସାପ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ ।

# ସ୍ୱର୍ଣ୍ଣ ମଣ୍ଡପରେ ବନ୍ଧୁମିଳନ

**ସାକ୍ଷୀଗୋପାଳ, ୧୫ ।୩(ସମିସ)** ସାକ୍ଷୀଗୋପାଳ ବ୍ଲକ ଛକସ୍ଥିତ ସ୍ୱର୍ଣ୍ଣ ମଣ୍ଡପ ପରିସରରେ ଡେଲାଙ୍ଗ ବ୍ଲକର ଧାନକେରା ପଞ୍ଚାୟତର କପିଳେଶ୍ୱର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟବାଦୀ ଦାଶଙ୍କ ପକ୍ଷରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ତଥା ଗୁରୁ ଭାବେ ଦାମୋଦର ମହାପାତ୍ର, ବନମାଳୀ ବେହେରା, ଚନ୍ଦ୍ର ଶେଖର ତ୍ରିପାଠୀ, ବୃନ୍ଦାବନ ଚନ୍ଦ୍ର ରଥ, ସତ୍ୟବାଦୀ ଦାଶ, ଗଦାଧର ନନ୍ଦ ଓ ନିରୁପମା ରଥ ।ଏହି ଅବସରରେ ଗୁରୁ ମାନଙ୍କୁ ଉପଢୌକନ ଓ ତୁଳସୀ ଚାରା ଦେଇ ସତ୍ୟବାଦୀ ସାରେ ସମ୍ମାନିତ କରିଥିଲେ । ଅତିଥି ପରିଚୟ ଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ତପସ୍ୱିନୀ ଦାଶ ଓ ଆଲୋକ ଖୁଣ୍ଟିଆ । ଏହି ଅବସରରେ କଣ୍ଠଶିଳ୍ପୀ ମନୋଜ ମାଟି ଓ ସତ୍ୟପଞ୍ଜା ଗୁରୁବନ୍ଦନା ଗାନ କରିଥିଲେ । ଗୁରୁ ଓ ଶିଷ୍ୟମାନଙ୍କ ମଧ୍ୟରେ ଥିବା ମୁଁ ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷ କରି ଗୁରୁ ମାନେ ସବୁବେଳେ ଉଚ୍ଚ ସ୍ଥାନରେ ରହିଛନ୍ତି ଏବଂ ରହିବେ ବୋଲି ମତ ପ୍ରକାଶ ପାଇଥିଲା । ଗୁରୁ ଓ ଶିଷ୍ୟ ମାନଙ୍କ ମଧ୍ୟରେ ଥିବା ମୁଁ ସମ୍ପର୍କରେ ମତ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବ୍ଲକର ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପ୍ରଫେସର ଅଶୋକ ମହାପାତ୍ର, ସତ୍ୟବାଦୀର ପୂର୍ବତନ ବିଧାୟକ ରଶ୍ମିରଞ୍ଜନ ବଳିୟାର ସିଂହ, ଯୁବନେତା ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ଥାନୀୟ ଯୁବକମାନେ ଯୋଗଦେଇଥିଲେ ।




## ଅସ୍ତରଙ୍ଗରେ ପାନୀୟ ଜଳ ସମସ୍ୟା ଉତ୍କଟ

# ପାଣି ପାଇଁ ୨କିଲୋମିଟର




**ଅସ୍ତରଙ୍ଗ, ୧୫ ।୩(ସମିସ):**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଗତ କିଛି ବର୍ଷ ଧରି ପାନୀୟଜଳ ସମସ୍ୟା ଲାଗିରହିଥିବା ବେଳେ ଖରା ଦିନ ଆରମ୍ଭରୁ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜଳସମସ୍ୟା ଉଗ୍ରରୂପ ଧାରଣ କରି ଦିନକୁ ଦିନ ଉତ୍କଟ ହେଉଛି ପିଇବା ପାଣି ସମାସ୍ୟା । ବ୍ଲକର ୭ ରୁ ୮ଟି ପଞ୍ଚାୟତରେ ପାଣି ସମସ୍ୟା ଲାଗିରହିଥିବା ବେଳେ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀମାନେ ନିଦାବିଷ୍ଟୁ ସାଜି ଚୁପ ବସିଛନ୍ତି । ବିଶେଷକରି ପାଟଳଦା ଏବଂ ଛୁରିଅନା, କୋରଣା ପଞ୍ଚାୟତରେ ପିଇବା ପାଣି ପାଇଁ କଳବଳ ହେବା କାରଣରୁ ପୂର୍ବରୁ ବହୁ ପ୍ରତିବାଦ, ଅଭିଯୋଗ, ପରେ ଗତ ବର୍ଷ କଣମଣ ଗ୍ରାମ ନିକଟରେ ଗ୍ରାମର ଶତାଧିକ ମହିଳା ପିଇବା ପାଣି ଯୋଗାଇ ଦେବା ଦାବିକରି ଅସ୍ତରଙ୍ଗ ପିର ଜାହାନୀଆ ରାସ୍ତାରେ ହାଣ୍ଡି ମାଠିଆ ଥୋଇ ଟାୟାର ଜାଳି ରାସ୍ତା ଅବରୋଧ କରି ଆମକୁ ପିଇବା ପାଣି ଦିଅ ନାରା ଦେଇଥିଲେ । ଲୋକମାନେ ପାଉଥିବା ସ୍ୱଚ୍ଛ ପିଇବା ପାଣିରେ କଷ୍ଟେମଷ୍ଟେ ଚଳି ଥାଆନ୍ତି । ପ୍ରାୟ ସମୟରେ ବିଭିନ୍ନ କାରଣରୁ ୨, ୩ ଦିନରୁ ଉର୍ଦ୍ଧ୍ୱ ଦିନ ଧରି ଟାଙ୍କିକୁ ପାଣି ଆସେ ନାହିଁ । ଯାହା ଫଳରେ ଲୋକମାନେ ପିଇବା ପାଣି ପାଇଁ ତହଳବିକଳ ହୋଇଥାନ୍ତି । ପାଣି ପାଇଁ ବ୍ଲକ, ପଞ୍ଚାୟତରେ ଗୁହାରି କରି ମଧ କିଛି ସୁଫଳ ମିଳୁନି । ପାଣି ପାଇଁ କଳବଳ ହେଉଛନ୍ତି ପାଟଳଦା ପଞ୍ଚାୟତର ଆଦିକନ୍ଦପୁର ଏବଂ କୋରଣା ପଞ୍ଚାୟତର ନଟରାଗ୍ରାମର ବାସିନ୍ଦା । ଉକ୍ତ ଦୁଇଗ୍ରାମରେ ନଳକୂପରୁ ବାହାରୁଥିବା ପାଣି ଲୁଣି ଆଇରନ ଯୁକ୍ତ ହୋଇଥିବାରୁ ତାହା ବ୍ୟବହାର ଉପଯୋଗୀ ନୁହେଁ । ପିଇବା ପାଣି ଟୋପେ ପାଇଁ ଦୁଇରୁ ତିନି କିଲୋମିଟର ଯାଇ ପାଣି ଆଣିବାକୁ ପଡୁଛି । ଆଦିକନ୍ଦପୁରକୁ ଜଳ ଯୋଗାଣ ପାଇପ ଥିଲେ ମଧ ତାହା ନିୟମିତ ଆସେ ନାହିଁ କିନ୍ତୁ ନଟରା ଗ୍ରାମରେ ନା ଅଛି ନଳ କୂପ ନା କୂଅ ନା ଅଛି ପାନୀୟ ଜଳ ଯୋଗାଣ ସୁବିଧା । ଗାଁ ଠାରୁ ବହୁତ ଦୂରରେ ଏକ ନଳକୂପ ଉପରେ ପୁରା ଗାଁ ର ଲୋକ ନିର୍ଭର କରି ବାଲଟି, ଗରା ଧରି ବର୍ଷକ ବାର ମାସ ପାଣି ବୁହାନ୍ତି । ସରକାର, ପ୍ରଶାସନ ତୁରନ୍ତ ପାଣି ସମସ୍ୟା ସମାଧାନ କରିବା ପାଇଁ ଉକ୍ତ ଗ୍ରାମବାସୀଦାବି କରିଛନ୍ତି । ନଚେତ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ନିମାପଡ଼ା ଏନ୍‌ଏସିର ୧୦ଟି ୱାର୍ଡରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ



**ନିମାପଡ଼ା, ୧୫।୩(ସମିସ):** ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ୧୦ଟି ୱାର୍ଡରେ ୨୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି, ବିଧାୟକଙ୍କ ପାଣ୍ଠି, ମୁକ୍ତା ଯୋଜନାରେ ନିର୍ମିତ କମ୍ୟୁନିଟି ସେଣ୍ଟର, ଅଙ୍ଗନବାଡ଼ିକେନ୍ଦ୍ର, ପୂଜାମଣ୍ଡପ, ମିନିପାର୍କ ଓ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଶ୍ରୀ ଦାଶଙ୍କ ସହ ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ନଗର ମହିଳା ବିଜେଡି ସଭାନେତ୍ରୀ କୌଶଲ୍ୟା ସାହୁ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ କୁମାର ଦାଶ, ବିଶିଷ୍ଟ ସମାଜସେବୀ ପଦ୍ମଚରଣ ସାହୁ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ, ରାଜ କିଶୋର ସାହୁ, ଟିକିନା ପଣ୍ଡା, ନିବେଦିତା ପଟ୍ଟନାୟକ, କବିତା ପ୍ରଧାନ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ବ୍ରଜେନ୍ଦ୍ର ପ୍ରଧାନ.ଯୁବ ସଭାପତି ସତ୍ୟଜିତ ଆଚାର୍ଯ୍ୟ, ସିଡିପିଓ ତନୁପ୍ରଭା ବେଉରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଜନପ୍ରତିନିଧି, ଦଳୀୟକର୍ମୀ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ବ୍ଲକ ଅନ୍ତର୍ଗତ ସଲଙ୍ଗ, ଅନୁଆର, ଶଗଡ଼ା, ଛଣିଜଙ୍ଗ ଆଦି ପଞ୍ଚାୟତରେ କୋଠଘର ଏବଂ ସେବା ସମବାୟ ସମିତିର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଶଙ୍କର ଭୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ ଖଟୋଇ ପୂର୍ବତନ ବ୍ଲକ ଉପାଧକ୍ଷ ଅଜୟ କୁମାର ସ୍ୱାଇଁ, ଛଣିଜଙ୍ଗ ସଭାପତି ସୁବାସ ବାରିକ, ପର୍ଯ୍ୟବେକ୍ଷକ ସ୍ୱପ୍ନେଶ୍ୱର ଲେଙ୍କା, ଛଣିଜଙ୍ଗ ସମବାୟ ସମିତି ସଭାପତି ମହେନ୍ଦ୍ର ମହାପାତ୍ର, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟନାରାୟଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ତିଆ ସେବା ସମବାୟ ସମିତି ନୂତନ ଗୃହ ପାଇଁ ଭିତ୍ତିପ୍ରସ୍ତର

**ଚାରିଛକ, ୧୫।୩(ସମିସ):** ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମରେ ୩୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ସେବା ସମବାୟ ସମିତି ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ହୋଇଯାଇଛି । ଏହି ଶିଳାନ୍ୟାସ ଉତ୍ସବରେ ବ୍ଲକ ପୂର୍ବତନ ଉପାଧକ୍ଷ ଅଜୟ କୁମାର ସ୍ୱାଇଁ, ଛଣିଜଙ୍ଗ ସମବାୟ ସମିତି ସଭାପତି ମହେନ୍ଦ୍ର ମହାପାତ୍ର, ଛଣିଜଙ୍ଗ ପଞ୍ଚାୟତ ବିଜେଡି ସଭାପତି ସୁବାସ ବାରିକ, ପର୍ଯ୍ୟବେକ୍ଷକ ସ୍ୱପ୍ନେଶ୍ୱର ଲେଙ୍କା, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟନାରାୟଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।



# ସ୍କୁଲ୍ ଛାତରୁ ଖସିଲା ଅତଡ଼ା, ଅଳ୍ପକେ ବର୍ତ୍ତିଗଲେ ଛାତ୍ରଛାତ୍ରୀ



**ନୟାହାଟ, ୧୫ ।୩(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ଠାରେ ଥିବା ଛଣିଜଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟରୁ ଦୁଇଟି ସ୍ଥାନରୁ ବଡ଼ବଡ଼ ସିମେଣ୍ଟ ଅତଡା ଖସି ତଳେ ପଡ଼ିଥିବାର ଦେଖିବାକୁ ମିଳିଥିଲା । ଏଥିରେ କୌଣସି ଅଘଟଣ ଘଟି ନଥିବା ସୂଚନା ମିଳିଛି । ଏହି ସ୍କୁଲ ଘର କାମ ନିମ୍ନମାନର ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟରେ କିଛି ଦିନ ତଳେ ଅଫିସ କାର୍ଯ୍ୟାଳୟ ଓ କ୍ରୀଡ଼ା ସାମଗ୍ରୀ ଥିବା ଘର ଭିତରେ ଗ୍ୟାସ ଲିକେଜ ହୋଇ ନିଆଁ ଜଳି ବଡ଼ ଧରଣର ବିପଦ ସୃଷ୍ଟି ହୋଇଥିଲା । ଯାହା ଫଳରେ ଛାତ୍ରଛାତ୍ରୀମାନେ ଜୀବନ ବିକଳରେ ଭୟରେ କ୍ଲାସ ରୁମ୍‌ରୁ ଦୌଡ଼ିବାକୁ ଲାଗିଥିଲେ । ଯାହା ଫଳରେ ଅଭିଭାବକମାନେ ନିରାପଦ ମଣିନଥିଲେ । ସେହିଭଳି ଅଳ୍ପ କିଛି ମାସ ପରେ ସ୍କୁଲ ଛାତରୁ ବିଭିନ୍ନ ସ୍ଥାନରୁ ବଡ଼ବଡ଼ ସିମେଣ୍ଟ ଅତଡାମାନ ଖସିବାକୁ ଆରମ୍ଭ ହେବାର ଦେଖୁବାକୁ ମିଳିଥିଲା । ଏହି ଛାତ କାର୍ଯ୍ୟ ଅତିନିମ୍ନମାନର ହୋଇଛି ବୋଲି ଏପରି ଅତଡାମାନ ଖସୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଆଗକୁ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଛାତକୁ ମରାମତି କରିବା ପାଇଁ ଛାତ୍ରଛାତ୍ରୀଙ୍କ ଅଭିଭାବମାନେ ଦାବି କରିଛନ୍ତି ।

## ● ଯୁବକଙ୍କ ମହାନତା

# ସୁନା ଓ ଟଙ୍କା ଥିବା ବ୍ୟାଗ ପାଇ ଫେରାଇଲେ

**କଣାସ, ୧୫ ।୩(ସମିସ):** କଣାସ ଥାନା ଆଳିପଡ଼ା ଗ୍ରାମର ସସ୍ମିତା ସାହୁଙ୍କ ରାସ୍ତାରେ ଖସିପଡ଼ିଥିବା ସୁନା ଓ ଟଙ୍କା ଥିବା ବ୍ୟାଗକୁ ଅଞ୍ଜିରା ଗ୍ରାମର ଦୁଇଜଣ ଯୁବକ ରାସ୍ତାରୁ ପାଇବା ପରେ ଉକ୍ତ ବ୍ୟାଗକୁ ସସ୍ମିତାଙ୍କୁ ଫେରାଇଦେଇ ମହାନତା ଦେଖାଇଛନ୍ତି । ଗତ ୯ ତାରିଖ ଦିନ ସସ୍ମିତା ବାଇକ୍‌ରେ ଯାଉଥିବା ସମୟରେ ବ୍ୟାଗରେ ଥିବା ମଙ୍ଗଳସୁତ୍ର ଗୋଟିଏ, ପଲା ଏକହଳ, ଲକେଟ୍ ଏକଟି, ଅଣ୍ଟାସୁତା ଦୁଇଟା, ପାଉଜି ଏକ ହଳ, ଝୁଣ୍ଟିଆ ୩ଟା, ଖଡ଼ୁ ୨ଟା ଏନଂ କେତେକ ଟଙ୍କା ବ୍ୟାଗରେ ଥିଲା । ସେ ବାଇକ୍‌ରେ ଯାଉଥିବା ବେଳେ ବ୍ୟାଗଟି ବକୁ ନିକଟରେ ବ୍ୟାଗ୍ ଖସିପଡ଼ିଥିଲା ।ସେଇ ସମୟରେ ଅଞ୍ଜିରା ଗ୍ରାମର ଚନ୍ଦନ ବିଶ୍ୱାଳ ଏବଂ ସନ୍ଦିପ୍ ପାତ୍ର ଯାଉଥିବା ବେଳେ ବ୍ୟାଗଟିକୁ ପାଇଥିଲେ । ବ୍ୟାଗଟି ପାଇବାପରେ ଅଳଙ୍କାର ଏବଂ ଟଙ୍କା ରହିଥିବା ଦେଖିବାକୁ ପାଇଥିଲେ । ସେ ବିଭିନ୍ନ ଲୋକଙ୍କୁ ବ୍ୟାଗ ପାଇବା ସମ୍ପର୍କରେ ଜଣାଇବାରୁ ସସ୍ମିତା ଖବର ପାଇ ଅଞ୍ଜିରା ଗ୍ରାମରେ ପହଞ୍ଚି ବ୍ୟାଗରେ କଣ କଣ ଥିଲା କହିବା ପରେ ଭଦ୍ରଲୋକ ଶରତ ଚନ୍ଦ୍ର ବଳିୟାରସିଂହ, ତପନ ରାଉତରାୟ, କୈଳାସ ରାଉତରାୟଙ୍କ ସମ୍ମୁଖରେ ଚନ୍ଦନ ଓ ସନ୍ଦିପ୍ ପାଇଥିବା ବ୍ୟାଗଟିକୁ ସସ୍ମିତାକୁ ଫେରଇଥିଲେ । ସସ୍ମିତା ଦୁଇ ଯୁବକଙ୍କୁ କୃତଜ୍ଞତା ଜଣାଇବାସହ ଅଞ୍ଚଳବାସୀ ଦୁଇଯୁବକଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଫଟୋ ଉଠାଇବା ବେଳେ ସମ୍ବାଦିକଙ୍କୁ ଧମକ

**ଗମ୍ଭାରୀପଦା/କାକଟପୁର, ୧୫ ।୩(ସମିସ):** କାକଟପୁରରୁ ଅସ୍ତରଙ୍ଗ ଅଭିମୁଖେ ଏକ ବାଲି ବୋଝେଇ ହାଇୱା ଟ୍ରକ୍ ନଂ ଓଡ଼ି ୦୫ ଏନ-୯୮୨୨ ଦ୍ରୁତଗତି ରେ ଆସୁଥିବା ବେଳେ କାକଟପୁର ମୂଳାଗଡ଼ ରାସ୍ତା ନିକଟରେ କାକଟପୁର ତହସିଲଦାର ଓ ରାଜସ୍ୱନିରୀକ୍ଷକ ଉକ୍ତ ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରୁଥିଲେ । ଏହି ସମୟରେ ଉକ୍ତ ରାସ୍ତା ରେ ୨ ଜଣ ଯୁବ ସାମ୍ବାଦିକ ରୂପରଞ୍ଜନ ସାହୁ ଓ ଚିନ୍ମୟ ପଲ୍ଲାଇ ଅଟକି ଘଟଣାର ଫୋଟୋ ଉତ୍ତୋଳନ କରୁଥିବା ସମୟ ରେ ଗାଡିର କର୍ମଚାରୀ ଉକ୍ତ ସାମ୍ବାଦିକଙ୍କୁ ଧମକ ଚମକ ଦେବା ସହ ଗାଳିଗୁଲଜ କରିଥିଲେ । ଘଟଣାସ୍ଥଳ ରେ କାକଟପୁର ତହସିଲଦାର ଓ ଆରଆଇ ନିଜେ ଉପସ୍ଥିତ ଥିଲେ କିନ୍ତୁ ଗାଡି କର୍ମଚାରୀଙ୍କୁ ତାଗିଦ କରିନଥିଲେ । ଏହି ଘଟଣାକୁ ନେଇ କାକଟପୁର ଓ ଅସ୍ତରଙ୍ଗ ସାମ୍ବାଦିକଙ୍କ ତରଫରୁ ଘୋର ନିନ୍ଦା କରାଯାଇଛି । ସୂଚନା ମୁତାବକ ଗାଡିରେ ଓଭର ଲୋଡ଼ିଂ ବାଲି ଥିଲା ଓ ଏହା ଦ୍ରୁତଗତିରେ ଆସୁଥିଲା, ଅଧିକାରୀ ଗାଡି ଅଟକାଇବା ପରେ ଘଟଣା ସ୍ଥଳରୁ ଡ୍ରାଇଭର ଚମ୍ପଟ ମାରିଥିଲେ । ଏ ବାବଦରେ ପ୍ରଶାସନ ତରଫରୁ କି ପଦକ୍ଷେପ ନିଆଯାଇଛି ତାହା ବୁଝିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ମାଧ୍ୟମ ରେ ଯୋଗାଯୋଗ ହୋଇଥିଲା । ତାଙ୍କ ସୂଚନା ମୁତାବକ ବେଆଇନ ବାଲି ଚାଲାଣ ହେଉଥିଲା । ଆଇନ ମୁତାବକ ଉକ୍ତ ଗାଡି ପାଇଁ ଫାଇନ ଚାଲାଣ କଟାଯାଇଛି ବୋଲି କହିଛନ୍ତି ।



## ଅନୁସୂଚିତ ଜାତି ଓ ପଛୁଆବର୍ଗ ସର୍ବେକ୍ଷଣ ପ୍ରସଙ୍ଗ

# ଅଙ୍ଗନବାଡି ସହାୟିକାଙ୍କୁ ମିଳିନି ପାରିଶ୍ରମିକ

**ଡେଲାଙ୍ଗ, ୧୫।୩(ସମିସ):**

ଡେଲାଙ୍ଗ ବ୍ଲକରେ ଅନୁସୂଚିତ ଜାତି ଓ ପଛୁଆବର୍ଗ ସର୍ବେକ୍ଷଣ କାର୍ଯ୍ୟ ୨୦୨୩ ଅପ୍ରେଲରେ ଅଙ୍ଗନବାଡି ସହାୟିକାଙ୍କ ଦ୍ୱାରା କରାଯାଇଥିଲା । ହେଲେ ଅଦ୍ୟାବଧି ଏହି ସର୍ବେକ୍ଷଣ ଅର୍ଥ ସହାୟିକା ମାନଙ୍କୁ ମିଳିନଥିବା ଅଭିଯୋଗ ହୋଇଛି । ଏଥିପାଇଁ ସେମାନେ ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗୁହାରୀ କରିଛନ୍ତି । କେବଳ ଆଶ୍ୱାସନା ଦିଆଯାଇଥିବା ସତ୍ୱେ ତାଙ୍କୁ ମଜୁରୀ ମିଳିନି । ଅଙ୍ଗନବାଡି ମହିଳା କର୍ମଚାରୀ ସଂଘର ସମ୍ପାଦିକା ଜ୍ୟୋସ୍ନାରାଣୀ ସାହୁ, ମମତା ବରାଳ ଓ ଡାଳିମ୍ବ ପଣ୍ଡା ଙ୍କ ଅଭିଯୋଗ ଅନୁଯାୟୀ ୨୦୨୩ରେ ଅଣଅଙ୍ଗନ ବାଡି କାମ ଭାବେ ଅନୁସୂଚିତ ଜାତି ପଛୁଆବର୍ଗ ସର୍ବେକ୍ଷଣ କାମ ଅଙ୍ଗନବାଡି ସହାୟିକାଙ୍କୁ କରିବା ପାଇଁ ଦିଆଯାଇଥିଲା । କାମଶେଷ ହୋଇଥିଲେ ମଧ ଜଣକ ପ୍ରତି ୧୯ ଶହ ଟଙ୍କା ଲେଖାଏଁ ପାରିଶ୍ରମିକ ଦିଆଯିବାକୁ ଥିବା ବେଳେ ବ୍ଲକର ୮୦ ଜଣ ମହିଳା ସହାୟିକା ଏହି କାର୍ଯ୍ୟ ନିମନ୍ତେ ଅର୍ଥ ପାଇନାହାନ୍ତି । ଅନ୍ୟାନ୍ୟ ବ୍ଲକ ଗୁଡିକରେ ଏହି ଅର୍ଥ ପ୍ରଦାନ କରାଯାଇଥିବା ବେଳେ ଡେଲାଙ୍ଗ ବ୍ଲକର ଅଙ୍ଗନବାଡି ସହାୟିକାଙ୍କୁ ଏହି ଅର୍ଥ ଅଦ୍ୟାବଧି ମିଳିନଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ଅତିରିକ୍ତ ଗୋଷ୍ଠିଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକଙ୍କୁ ପଚାରିବାରୁ ସେମାନଙ୍କର ପାରିଶ୍ରମିକ ଅର୍ଥପାଇଁ ଲେଖା ପଠାଯାଇଛି, ଅର୍ଥ ଆସିଲେ ଯଥାଶୀଘ୍ର ସହାୟିକାଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି ।

## କୃଷି ବିଭାଗ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ନିରାକାରପୁର, ୧୫ ।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ମାଲୁଣି ପୋଖରୀ ନିକଟରେ କୃଷି ବିଭାଗ ତରଫରୁ ପନିପରିବା ଚାଷ ଲାଗି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭାଗ ତରଫରୁ ଜିଲ୍ଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କୃଷକ ବିଦ୍ୟାଳୟ ମାଧ୍ୟମରେ ପନିପରିବା ଲଗାଇବା ପ୍ରଣାଳୀ ଓ ଏହାର ଉତ୍ପାଦନ ସମ୍ପର୍କରେ ବୁଝାଇଥିଲେ । ଜିଲ୍ଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ରାଉତରାୟ, ଶୁଭମ ଦାଶ, ବିପିନ ଜୟସିଂହ, ସ୍ୱପ୍ନେଶ୍ୱର ରାଉତରାୟ, ଡମ୍ବରୁଧର ପରିଡ଼ା, ରବି ମାଝୀ, ବିଜୟ ଜୟସିଂହ, ଭାସ୍କର ପ୍ରଧାନ, କାବୁ ପ୍ରଧାନ, ବିପିନ ରାଉତରାୟ ଓ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ ।

## ଗାଡ଼ିମଟର ଯାଞ୍ଚ କଡ଼ାକଡ଼ି



**ନିରାକାରପୁର, ୧୫ ।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ନୂଆ ଜଗନ୍ନାଥ ସଡ଼କରେ ଗାଡ଼ିମଟର ଯାଞ୍ଚ ଯାଞ୍ଚ କରିଥିଲେ । ହେଲମେଟ୍ ସହ ଗାଡି କାଗଜପତ୍ର ଯାଞ୍ଚ କରାଯାଇଥିଲା । ଏକାଧିକ ଗାଡିରୁ ପ୍ରାୟ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଏସ୍ଆଇ ଦିପାଲିଶା ନାୟକଙ୍କ ଠାରୁ ଜଣାପଡ଼ିଛି । ସେହିପରି ଜଂକିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କରଙ୍କ ନେତୃତ୍ୱରେ ସନ୍ଧ୍ୟାରୁ ନୂଆ ଜଗନ୍ନାଥ ସଡ଼କର ହଜ ନିକଟରେ ଯାନବାହାନକୁ ଅଟକାଇ ଯାଞ୍ଚ କରିଥିଲେ । ଏସ ଆଇ ଭାଗ୍ୟଶ୍ରୀ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ୩୪୭ ଦିନରେ ୧୫୦ ମିଲିୟନ୍ ଟନ୍ ପଣ୍ୟ ବୋଝେଇ

### ● ଖୋର୍ଦ୍ଧା ରୋଡ ମଣ୍ଡଳ ସଫଳତା

**ଜଟଣୀ, ୧୫ ।୩(ସମିସ):** ଖୋର୍ଦ୍ଧା ରୋଡ଼ ରେଳପଥର ବଡ଼ ସଫଳତା ହାସଲ ହୋଇଛି । ୧୫୦ ମିଲିୟନ୍ ଟନ୍ ପଣ୍ୟ ବୋଝେଇକୁ ଖୋର୍ଦ୍ଧା ରୋଡ ମଣ୍ଡଳ କେବଳ ୩୪୭ ଦିନରେ ହାସଲ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଗତ ଆର୍ଥିକ ବର୍ଷ ଯଥା ୨୦୨୨-୨୩ ରେ, ୧୫୦ ମିଲିୟନ୍ ଟନ୍ ପଣ୍ୟ ବୋଝେଇକୁ ହାସଲ କରିବା ପାଇଁ, ୩୫୬ ଦିନ ନିଆ ଯାଇଥିଲା ଯାହାର ମୂଲ୍ୟ ମୋଟ ରାଜସ୍ୱ ୧୩, ୬୭୪ କୋଟି । ଭାରତୀୟ ରେଲ୍ୱେରେ ଖୋର୍ଦ୍ଧା ରୋଡ ମଣ୍ଡଳ ହେଉଛି ପ୍ରଥମ ଏବଂ ଏକମାତ୍ର ମଣ୍ଡଳ ଯାହାକି ୨୭୭ ମିଲିୟନ୍ ଟନ୍ ଟ୍ରାଫିକ୍ ପରିଚାଳନା କରିଛି (ଉଭୟ



ଲୋଡିଂ ଏବଂ ଅନଲୋଡିଂ) କ୍ଷେତ୍ରରେ । ୧ ଏପ୍ରିଲ, ୨୦୨୩ ରୁ ୧୨ ମାର୍ଚ୍ଚ, ୨୦୨୪ ପର୍ଯ୍ୟନ୍ତ ଏହି ମଣ୍ଡଳ ୧୫୦ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହାକି ଗତ ଆର୍ଥିକ ତୁଳନାରେ ୯ ଦିନ ପୂର୍ବରୁ ଏହି ବିଭାଗ ମାଇଲଖୁଣ୍ଟ ହାସଲ କରିଛି । ଖୋର୍ଦ୍ଧା ରୋଡ ମଣ୍ଡଳର ସମସ୍ତ ଲୋଡିଂ ପଏଣ୍ଟରେ ସରକାରୀ ଓ ଶିଳ୍ପ ସଂସ୍ଥା ସହିତ ସଠିକ୍ ଯୋଜନା ଏବଂ ସମନ୍ୱୟ, ଲକ୍ଷ୍ୟ ହାସଲ କରିବାରେ ବହୁ ଅବଦାନ ଦେଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଖୋର୍ଦ୍ଧା ରୋଡ ମଣ୍ଡଳ ୧୧୨.୬୪ ନିୟୁତ ଟନ୍ କୋଇଲା, ୭.୩୬ ନିୟୁତ ଟନ୍‌ର କଞ୍ଚାମାଲ ଇସ୍ପାତ କାରଖାନାକୁ, ୧୨.୪୨ ନିୟୁତ ଟନ ପିଗ ଆଇରନ୍ ଏବଂ ଉତ୍ପାଦ ଇସ୍ପାତ, ୭.୧୫ ନିୟୁତ ଟନ୍ ଲୁହାପଥର, ୪.୦୯ ନିୟୁତ ଟନ ସାର ଏବଂ ୬.୬୪ ନିୟୁତ ଟନ ଅନ୍ୟାନ୍ୟ ସାମଗ୍ରୀ ଅର୍ଥାତ୍ ସିମେଣ୍ଟ, ଖାଦ୍ୟ ଶସ୍ୟ, ଖଣିଜ ତେଲ ଇତ୍ୟାଦି ଲୋଡ୍ କରିଛି । ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ହିତାଧିକାରୀ ତଥା ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦେଶର ବିଭିନ୍ନ ସ୍ଥାନକୁ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କଞ୍ଚାମାଲ ପରିବହନରେ ଦିନରାତି ଉଦ୍ୟମ କରିଥିବା କର୍ମଚାରୀ ଏବଂ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ବାଘମାରୀ-ଦଶପଲ୍ଲା ରାଜ୍ୟ ରାଜପଥ ନିର୍ମାଣରେ ଅନିୟମିତତା

# ୧୦ଦିନ ବିତିଲାନି, ଉଠିଲାଣି ଗୋଡ଼ି

ବେଗୁନିଆ, ୧୫।୩(ସମିସ)



ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନାରେ ରାସ୍ତା ମରାମତି ନିର୍ମାଣ ଓ ମରାମତି କରିବା ପାଇଁ ପୂର୍ତ୍ତ ବିଭାଗ ଅଧିନରେ ଥିବା ବାଘମାରି- କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି । ଏହି ରାସ୍ତାରେ ଠିକାଦାର ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ନିମ୍ନମାନର କାର୍ଯ୍ୟ ହୋଇଥିବାର ଦେଖିବାକୁ ମିଳୁଛି । ଉଦାହରଣ ସ୍ୱରୂପ ବାଘମାରୀ- ଦଶପଲ୍ଲା ୪୮ ନଂ ରାଜ୍ୟ ରାଜପଥ ଉପରେ ଦେଖିବାକୁ ମିଳିଛି । ଏହାର ଉନ୍ନତିକରଣ କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର ହୋଇଥିବାରୁ ପିଚୁ କାର୍ଯ୍ୟ ଶେଷ ହେବାର ୧୦ଦିନ ପରେ ୧୧ଟି ସ୍ଥାନରେ ଗୋଡି ଉଠି ରାସ୍ତାରେ ଗାତ ସୃଷ୍ଟି ହୋଇଯାଇଛି । କଞ୍ଚାମାଲ ଉପରେ ଆବଶ୍ୟକୀୟ ଉପକରଣ(କ୍ୱାଲିଟ ଓ କ୍ୱାଣ୍ଟିଟ) ଗୁରୁତ୍ୱ ଦିଆଯାଉନି କି କାର୍ଯ୍ୟର ଗୁଣବତା ଯାଞ୍ଚ କରାଯାଉନାହିଁ ବୋଲି କଣ୍ଟିଲୋ ଅଞ୍ଚଳର ପଥଚାରୀ ଜିତେନ୍ଦ୍ର ପାତାଳସିଂହ, ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ସାହୁ, ଦିଲିପ କୁମାର ମହାପାତ୍ର ପ୍ରମୁଖ କହିଛନ୍ତି ।

ପ୍ରକାଶ ଥାଉକି ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ଅଧିନ (ନିର୍ମାଣ ବିଭାଗ) ଆନୁକୂଲ୍ୟରେ ଉନ୍ନତିକରଣ କାର୍ଯ୍ୟ ଚାଲୁରହିଛି । ରାଜ୍ୟ ପାଣ୍ଠିରୁ ପ୍ରକଳ୍ପ ଖର୍ଚ୍ଚ ଅଟକଳ ୧୮.୧ କୋଟି ମୂଲ୍ୟରେ ଅନୁଦାନ ମିଳିଛି । ବାଘମାରି - ଗଣିଆ - ଦଶପଲ୍ଲା ଭାୟା କଣ୍ଟିଲୋ ଦେଇ ରାସ୍ତା ଉନ୍ନତିକରଣ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି । ବାଘମାରି ଠାରୁ ମଧୁଆପଲ୍ଲୀ ଛକ ପର୍ଯ୍ୟନ୍ତ ୧୬ କିମି ରାସ୍ତା ଠିକାଦାର ଚୟନ କରାଯାଇଥିବା ବେଳେ ପ୍ରଶସ୍ତିକରଣ ଓ ବଜାର ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଡ୍ରେନେଜ ନିର୍ମାଣ ପାଇଁ ୯.୪୦ କୋଟି ଟଙ୍କା ବ୍ୟୟ ହୋଇଥିଲା । ଯାହାର ଅବଧି ୧୦.୧.୨୦୨୪ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା । ଅବଧି ସମୟର ଦେଢ ମାସ ଗଡ଼ି ଯାଇଥିଲେ ମଧ କାର୍ଯ୍ୟ ଉକ୍ତ ୧୬ କିମି ରାସ୍ତା ଉପରେ କେବଳ ପିଚୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଉକ୍ତ ପିଚୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୧୦ ଦିନ ପରେ ୧୧ଟି ସ୍ଥାନରେ ପିଚୁ ଉଠି ଗାତ ସୃଷ୍ଟି ହେଲାଣି । ବଡବେରଣା, ଗୋବିନ୍ଦପୁର, ଗେଡ଼ିଆପଲ୍ଲି, କଢାମଲ୍ଲ ଓ କୋଦୁଅବେରେଣୀ ଛକ ନିକଟରେ ପିଚୁ ଉଠି ରାସ୍ତା ଉପରେ ଗୋଡି ଗଡୁଛି । କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଫକୀର ଚରଣ ବେହେରା କୁହନ୍ତି କାର୍ଯ୍ୟର ପ୍ରକୃତ ତଦାରଖ କରି ତୁରନ୍ତ ମରାମତି କାର୍ଯ୍ୟ କରିବା ପାଇଁ ଠିକାଦାରଙ୍କୁ ତାଗିଦ କରିଛନ୍ତି ।

## ୧୭ରୁ କାଇପଦର ପ୍ରିମିୟର ଲିଗ୍

**ଖୋର୍ଦ୍ଧା, ୧୫।୩(ସମିସ):** ଖୋର୍ଦ୍ଧା ଉପକଣ୍ଠ ସାଆନ୍ତା ଖେଳ ପଡ଼ିଆରେ ସ୍ୱସ୍ତିକ କ୍ଲବ କାଇପଦର ଆନୁକୂଲ୍ୟରେ କାଇପଦର ପ୍ରିମିୟର ଲିଗ ୨୦୨୪ ସିଜିନ-୨ ଆସନ୍ତା ୧୭ ତାରିଖରୁ ଆରମ୍ଭ ହୋ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଚାମ୍ପିଅନ ଦଳକୁ ୧୯ ହଜାର ୯ ୯ ୯ ଟଙ୍କା ସହ ଟ୍ରଫି ଓ ରର୍ନସ ଅପ ଦଳକୁ ୧୪ ହଜାର ୯ ୯ ୯ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ଏଥିରେ ବଦମାସ-୧୧, ମହକ ଲାଲ ମାଇନସ, ପାଇକ ଫାଇଟର, ବାବା ୱାରିଅରସ, ମା'ମଙ୍ଗଳା ପ୍ରମୁଖ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ପ୍ରତିଦିନ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

## ଚିକିତ୍ସା ଭତ୍ତା ଦାବିକଲେ ଅବସରପ୍ରାପ୍ତ କର୍ମଚାରୀ ସଂଘ

**ବାଲୁଗାଁ, ୧୫ ।୩ (ସମିସ) :** ଚିକିତ୍ସା ଭତ୍ତା ପାଇବାରୁ ବଞ୍ଚିତ ରାଜ୍ୟର ସାଢେ ତିନି ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ ଦୀର୍ଘ ୧୮ ବର୍ଷ ହେବ ଚିକିତ୍ସା ସୁବିଧା ପ୍ରଦାନ ଲାଗି ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଆସୁଥିବା ସହ ରାଜ୍ୟ ଅର୍ଥ ବିଭାଗ ମନ୍ତ୍ରୀ ଓ ବହୁ ପ୍ରଶାସନିକ ଅଧୁକାରୀଙ୍କୁ ଭେଟି ଏନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦାବିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଥିଲେ । କିନ୍ତୁ ଏଯାବତ୍ ଏହାର କୌଣସି କାର୍ଯ୍ୟକାରୀ ହୋଇପାରି ନାହିଁ । ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇ ଯଥାଶୀଘ୍ର ଦାବି ପୁରଣ କରିବାକୁ ସଂଘର କାର୍ଯ୍ୟକରୀ ସଭାପତି ଶରତ ଚନ୍ଦ୍ର ବେଦମତା ଓ ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁଙ୍କ ସମେତ ସଂଘର ସମସ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ଦୃଢ ଦାବି କରିଛନ୍ତି ।

## ଚିଲିକା ନୌସେନା ତାଲିମ କେନ୍ଦ୍ର | ୨୬୩୦ ଅଗ୍ନିବୀରଙ୍କ ପାସିଂ ଆଉଟ୍ ପରେଡ୍





**ବାଲୁଗାଁ, ୧୫।୩ (ସମିସ):** ଚିଲିକା ନୌସେନା ତାଲିମ୍ କେନ୍ଦ୍ରରେ ଦୀର୍ଘ ୧୬ ସପ୍ତାହ ଧରି ପ୍ରଶିକ୍ଷଣ ନେଉଥିବା ୨୬୩୦ ପ୍ରଶୀକ୍ଷାର୍ଥୀ ଅଗ୍ନିବୀର ତଥା ଭାରତୀୟ ନୌସେନା ଅଗ୍ନିବୀରଙ୍କ ତୃତୀୟ ବ୍ୟାଚ୍‌ର ପାସିଂ ଆଉଟ୍ ପରେଡ଼ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ପାସିଂ ଆଉଟ ପ୍ୟାରେଡ଼କୁ ନୌସେନା ମୁଖ୍ୟ ତଥା ଆଡ଼ମିରାଲ୍ ଆର୍ ହରି କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଗ୍ନିବୀରଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ଫ୍ଲାଗ୍ ଅଫିସର୍ ଦକ୍ଷିଣ ନୌସେନା ମୁଖ୍ୟ ଭାଇସ୍ ଆଡ଼ମିରାଲ୍ ଭି. ଶ୍ରୀନିବାସ ପରେଡ଼ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖାରେ ଦୀର୍ଘ ୧୬ ସପ୍ତାହ ଧରି ଅଗ୍ନିବୀରଙ୍କୁ ଆଧୁନିକ ରଣକୌଶଳର ତାଲିମ ପ୍ରଦାନ ସହ ଜଣେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବୋଧ ଏବଂ ସଚ୍ଚୋଟ ନାଗରିକ ଭାବେ କିପରି ଦେଶ ସୁରକ୍ଷାରେ ନିଜକୁ ନିୟୋଜିତ କରିପାରିବେ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା । ତେବେ ଏଠାରେ ପ୍ରଶିକ୍ଷଣ ଲାଭ କରିଥିବା ୨୬୩୦ ପ୍ରଶୀକ୍ଷାର୍ଥୀ ଅଗ୍ନିବୀରଙ୍କ ମଧ୍ୟରୁ ୩୯୬ଜଣ ମହିଳା ତାଲିମପ୍ରାପ୍ତ ପ୍ରଶୀକ୍ଷାର୍ଥୀ ଅଗ୍ନିବୀର । ଶୁକ୍ରବାର ସଂଧ୍ୟା ୫.୩୦ମିନିଟ୍ ସମୟରେ ଅନୁଷ୍ଠିତ ପାସିଂ ଆଉଟ୍ ପରେଡ୍ ସମାରୋହରେ ମୁଖ୍ୟ ଅତିଥି ନୌସେନା ମୁଖ୍ୟ ତଥା ଆଡ଼ମିରାଲ୍ ଆର୍. ହରି କୁମାର ଅଗ୍ନିବୀରଙ୍କୁ ସେମାନଙ୍କର ଦୀର୍ଘ ୪ମାସର କଠିନ ପ୍ରଶିକ୍ଷଣ ର କର୍ତ୍ତବ୍ୟବୋଧତାକୁ ଉତ୍ସାହିତ କରିବା ସହ ଭବିଷ୍ୟତରେ ଜଣେ ଜଣେ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧା ଭାବେ ଶତ୍ରୁ ସହ ମୁକାବିଲା କରି ଦେଶର ସୁରକ୍ଷା ଲାଗି ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଏବଂ ପଦ୍ମଭୂଷଣ ପ୍ରାପ୍ତ ବାଲୁକାଶିଳ୍ପୀ ସୁଦର୍ଶନ ସାହୁ, ବିଶିଷ୍ଟ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପ୍ରାପ୍ତ ଏମ୍. ସୁରଞ୍ଜୟ ସିଂ, ବରିଷ୍ଠ କ୍ରୀଡ଼ାବିତ୍ ଖୁସିରାମ୍ ଏବଂ ନରେନ୍ଦ୍ର କୁମାର ଉପସ୍ଥିତ ଥିଲେ । ଏହି ଅବସରରେ ପୁରୁଷ ବର୍ଗରେ ଶ୍ରେଷ୍ଠ ବିବେଚିତ ଅଗ୍ନିବୀର ପ୍ରଥମେସ୍ ଅମିତ ଦାରେକର ଏବଂ ସାନିକୁମାର ରଜକଙ୍କୁ ମୁଖ୍ୟ ନାଭାଲ ଷ୍ଟାଫ୍ ରୋଲିଂ ଟ୍ରଫି ଏବଂ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା ।

ସେହିପରି ମହିଳା ବର୍ଗରେ ସମୃଦ୍ଧି ଖାନ୍‌ଦେବ୍‌ଙ୍କୁ ଶ୍ରେଷ୍ଠ ବିବେଚିତ ଅଗ୍ନିବୀର ଭାବେ ସ୍ୱର୍ଗତ ଜେନେରାଲ୍ ବିପିନ୍ ରାୱତ୍ ରୋଲିଂ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହରେ ନାଭାଲ ମୁଖ୍ୟ ଅଙ୍ଗଦ୍ ଡ଼ିଭିଜନକୁ ଚାମ୍ପିଅନ୍‌ସିପ୍ ଟ୍ରଫି ଏବଂ ଶିବାଜୀ ଡ଼ିଭିଜନ୍‌କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା ।

## ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ବିଦାୟକାଳୀନ ସଭା




**ଖୋର୍ଦ୍ଧା, ୧୫।୩(ସମିସ):** ସ୍ଥାନୀୟ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ଏକ ବିଦାୟକାଳୀନ ସଭା ଯୋଗ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଡଃ ବିନୋଦିନୀ ମିଶ୍ର ପୌରୋହିତ୍ୟ କରିଥିବାବେଳେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପୁରାତନ ଛାତ୍ର ସଂସଦ ସଭାପତି ତଥା ପ୍ରାକ୍ତନ ଏସ୍‌ପି ଦେବପ୍ରସାଦ ମଜୁମଦାର, ଉପଦେଷ୍ଟା ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି, ବାଳିକା ବିଭାଗ ଅଧିକାରୀ ଲେଫଟ୍‌ନାଣ୍ଟ ଅସୀମା ଶତପଥୀ, ବାଳକ ବିଭାଗ ସିଟିଓ ଅଧ୍ୟାପକ ଭଗବାନ ଖିଲାର, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ଡଃ ପ୍ରିୟବ୍ରତ ମହାନ୍ତି, ପୁରାତନ ଛାତ୍ରୀ ପୁଷ୍ପଲତା ଚିକାଲା, ଗତବର୍ଷ ନୂଆଦିଲ୍ଲୀ କର୍ତ୍ତବ୍ୟ ପଥରେ ସାଧାରଣତନ୍ତ୍ର ଦିବସରେ ୧୪୮ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ବାଳିକା ବିଭାଗ ସଦସ୍ୟଗଣଙ୍କୁ ନେତୃତ୍ୱ ଦେଇଥିବା ବରିଷ୍ଠ ଅଣ୍ଡର ଅଫିସର ସୋନାଲୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପୁରାତନ ଛାତ୍ର ସଂସଦ ପକ୍ଷରୁ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ନୂଆଦିଲ୍ଲୀଠାରେ ଭାଗନେଇଥିବା ମହାବିଦ୍ୟାଳୟ ଛାତ୍ରୀ ଏସୟୁଓ ରଶ୍ମିତା ବେହେରା, ଜେୟୁଓ ମନୋରମା ସ୍ୱାଇଁ ଏବଂ ଏଲସିପିଏଲ ବାଦଲ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବାଇକ୍ ପଛକୁ ଧକ୍କା ଦେଲା କାର୍, ଚାଳକ ଗୁରୁତର

**ବାଲୁଗାଁ, ୧୫ ।୩(ସମିସ) :** ଶୁକ୍ରବାର ୧୬ନଂ ଜାତୀୟ ରାଜପଥର ବେଲପଡ଼ା ଛକ ନିକଟରେ ଏକ ବାଇକ୍ ପଛ ପାର୍ଶ୍ୱକୁ ଏକ କାର ଧକ୍କା ଦେବାରୁ ବାଇକ୍ ଚାଳକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଗୁରୁତର ବାଇକ୍ ଚାଳକ ଜଣଙ୍କ ବାଲୁଗାଁ ଥାନା ଅନ୍ତର୍ଗତ ଡାଙ୍ଗୁଆ ଗ୍ରାମର ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ (୩୦) । ସୂଚନା ମୁତାବକ ଡାଙ୍ଗୁଆ ଗ୍ରାମର ପ୍ରଦ୍ୟୁମ୍ନ ଶୁକ୍ରବାର ମଧ୍ୟାହ୍ନରେ ଏକ ବାଇକ୍ ଯୋଗେ ନାଭାଲ ଅଭିମୁଖେ ଯାଉଥିବା ବେଳେ ବେଲପଡ଼ା ଛକ ନିକଟରେ ହଠାତ୍ ଓଡି୦୧ ଏଜେ-୫୩୫୪ ନମ୍ବର ବିଶିଷ୍ଟ ଏକ କାର୍ କ୍ଷୀପ୍ରଗତିରେ ଆସି ବାଇକ୍ ପଛ ପାର୍ଶ୍ୱକୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ପ୍ରଦ୍ୟୁମ୍ନ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇ ରାସ୍ତା ଉପରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ । ସ୍ଥାନୀୟ ଲୋକେ ଦେଖି ପ୍ରଦ୍ୟୁମ୍ନଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ପ୍ରଦ୍ୟୁମ୍ନଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରି ଦେଇଥିଲେ । ଖବର ପାଇ ବାଣପୁର ପୁଲିସ ପହଞ୍ଚି ଉଭୟ କାର୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି ।

### କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରୁନି ପ୍ରଶାସନ

# ଅଧରାତିରେ ଛାତି ଥରାଉଛି ଡିଜେ

ଖୋର୍ଦ୍ଧା, ୧୫।୩(ସମିସ)

ବିବାହ, ବ୍ରତଘର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାଜନୈତିକ ଶୋଭାଯାତ୍ରା ଏ ସବୁ ଜାଗାରେ ଡ଼ିଜେ ନବାଜିଲେ ଯୁବପିଢ଼ୀଙ୍କ ମନବୁଝୁନି । ଛାତି ଥରା ସାଉଣ୍ଡ ନ ବାଜିଲେ ଶୋଭାଯାତ୍ରାର କିଛି ମାନେ ନଥାଏ । ପାରମ୍ପରିକ ତୁରୀ, ମହୁରୀ, ଢ଼ୋଲ ବାଜା ଏବେ ହଜିବାକୁ ବସିଥିବା ବେଳେ ଯୁବପିଢୀଙ୍କର ଡ଼ିଜେ ସାଉଣ୍ଡ ଏକ ଫେସନ ପାଲଟିଛି । ରାସ୍ତା ଘାଟରେ ଦୁମ୍ ଦୁମ ହୋଇ ଡ଼ିଜେ ବାଜୁଛି । କିନ୍ତୁ ତାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି । ତେବେ ଶବ୍ଦ ପ୍ରଦୁ୍ୟଷଣ ରୋକିବାକୁ ୨୦୦୮ ମସିହାରେ ମାନ୍ୟବର କୋର୍ଟ ଡ଼ିଜେ ସାଉଣ୍ଡ ବଜାଇବା ଉପରେ କିଛି ନିର୍ଦ୍ଦିଷ୍ଟ ନୀତି ନିୟମ ଲାଗୁ କରିଥିଲେ । ମୁଖ୍ୟତଃ ସର୍ବାଧିକ ୬୫ଡ଼େସିବାଲ ସାଉଣ୍ଡ ଏବଂ ରାତି ୧୦ଟା ପରେ ଡ଼ିଜେ ବଜାଇବା ଉପରେ କଟକଣା ରହିଛି । କୋର୍ଟ, ଶିକ୍ଷାନୁଷ୍ଠାନ, ମେଡ଼ିକାଲ, ଧର୍ମାନୁଷ୍ଠାନ ଓ ଜନବସତିର ୪ଶହ ମିଟର ଦୂରତା ଉପରେ ମଧ କୋର୍ଟ ଅଙ୍କୁଶ ଲଗାଇଛନ୍ତି । ମାତ୍ର କୋର୍ଟଙ୍କ ଆଦେଶକୁ ଜିଲ୍ଲା ପ୍ରଶାସନ କାର୍ଯ୍ୟକାରୀ ନକରି ହାତବାନ୍ଧି ବସିଛି । ତେଣୁ ଉଚ୍ଚକ୍ଷମତା ସମ୍ପର୍ଣ୍ଣ



ଡ଼ିଜେ ସାଉଣ୍ଡ ଯୋଗୁଁ ପିଲାଙ୍କର ଅଧ୍ୟୟନରେ ବାଧାପ୍ରାପ୍ତ ହେବା ସହିତ ସାଉଣ୍ଡର କୁପ୍ରଭାବ ବରିଷ୍ଠ ନାଗରିକ, ହୃଦ୍‌ଘାତ ଓ ରକ୍ତଚାପଜନୀତ ରୋଗୀ ଉପରେ ପଡୁଛି । ପ୍ରଶାସନ କିନ୍ତୁ ସବୁ ଜାଣି ଅଜଣା ଅଭିନୟ କରୁଛି । ବିଡ଼ମ୍ବନାର ବିଷୟ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ବରଂ ଖୋର୍ଦ୍ଧା ଓ ଏହା ଉପକଣ୍ଠରେ କେତେ ଡ଼ିଜେ ସାଉଣ୍ଡ ମାଲିକ ବ୍ୟବସାୟ କରୁଛନ୍ତି ତାହାର ସନ୍ତୋଷଜନକ ଉତ୍ତର ମଧ ପୁଲିସ୍ ପାଖରେ ନାହିଁ । ସହରରେ ଛତୁ ଫୁଟିଲାଭଳି ଗଢ଼ିଉଠିଥିବା ବିବାହ ମଣ୍ଡପ କଥା ନ କହିଲେ ମଧ ଭଲ । ଏଠାରେ ହରଦମ୍ ଉଚ୍ଚକ୍ଷମତା ସମ୍ପର୍ଣ୍ଣ ଡ଼ିଜେ ସାଉଣ୍ଡ ବ୍ୟବହାର କରାଯାଉଥିବାବେଳେ ତାକୁ ବନ୍ଦ କରିବାକୁ ପୁଲିସ ସାହାସ ଜୁଟାଇ ପାରୁନଥିବା ଆଲୋଚନା ହେଉଛି ।

ସୂଚନା ଯୋଗ୍ୟ ଖୋର୍ଦ୍ଧା ସହରରେ ପ୍ରାୟ ୭/୮ଟି ବିବାହ ମଣ୍ଡପ ରହିଥିବାବେଳେ ସହର ଉପକଣ୍ଠରେ ମାଳମାଳ ବ୍ୟବସାୟୀ ଡ଼ିଜେ ସାଉଣ୍ଡକୁ ଭଡ଼ାସୂତ୍ରରେ ଦେଉଛନ୍ତି । ବିବାହ ଠାରୁ ଅନ୍ୟାନ୍ୟ ଶୋଭାଯାତ୍ରାରେ ବ୍ୟବହୃତ ସାଉଣ୍ଡ ବଜାଇବାକୁ ହେଲେ ଅନୁମତି ନେବା ବାଧ୍ୟତା ମୂଳକ ରହିଛି । ମାତ୍ର ବିବାହ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଏ ନିୟମ ଠିକଣା ଭାବେ କାର୍ଯ୍ୟକାରୀ ହେଉଛି । ପୁଲିସ ମଧ ଏଦିଗରେ ପଦକ୍ଷେପ ଗ୍ରହଣ କରୁନଥିବା ବେଳେ ବିନା ଅନୁମତିରେ ରାତିଅଧାଯାଏଁ ମନଇଚ୍ଛା ଉଚ୍ଚକ୍ଷମତା ସମ୍ପର୍ଣ୍ଣ ଡ଼ିଜେ ସାଉଣ୍ଡ ବାଜିବା ସହରରେ ଏକ ଫେସନ ପାଲଟିଯାଇଛି । ତେବେ କୋର୍ଟଙ୍କ ଆଦେଶକୁ ଉଲ୍ଲଙ୍ଘନ କରୁଥିବା ଡ଼ିଜେ ମାଲିକ, ଆୟୋଜକ ଏବଂ କର୍ତ୍ତବ୍ୟରେ ଅବହେଳା କରୁଥିବା ପୁଲିସ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




**ଖୋର୍ଦ୍ଧା, ୧୫।୩(ସମିସ):** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସମସ୍ୟା ଗୁଡିକର ସମାଧାନ କରିବା ଲାଗି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଓୟୁଜେ. ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତପନ କୁମାର ନାୟକ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲାଶାଖା ସଭାପତି ପ୍ରଭାତ ମିଶ୍ର, ଓୟୁଡ୍‌ଲ୍ୟଜେ. ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ଉପ ସଭାପତି ଲଳିତ ମୋହନ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ତଥା ଓୟୁଡ୍‌ଲ୍ୟଜେ. ଖୋର୍ଦ୍ଧା ଜିଲ୍ଲା ଶାଖା ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ମହମ୍ମଦ ମୋତାହାର ୟୁସୁଫ, ପ୍ରଭାତ ପାଣିଗ୍ରାହୀ, ରାଜେଶ ମହାନ୍ତି, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରମୋଦ ମହାପାତ୍ର, ଅନସର ଅଲ୍ଲୀ, ସଞ୍ଜୟ କର, ସୟଦ ଲିୟାକତ ଅଲ୍ଲୀ, ଶୁଭଲକ୍ଷ୍ମୀ ସାମନ୍ତରାୟ, ଲୋହିତ ନାରାୟଣ ମହାପାତ୍ର, ଅୟସ ମହାନ୍ତି, ପ୍ରମୋଦ ମହାପାତ୍ର, ପି. ତ୍ରିପତି ବାଲାଜୀ ପାତ୍ର, ଆକାଶ ବିଶ୍ୱାଳ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି କଳାବ୍ୟାଜ ପରିଧାନ ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୨୫ ● ପାଉଣ୍ଡ ୧୦୫.୧୭
- ୟୁରୋ ୯୦.୩୨ ● ୟେନ୍ ୦.୫୫

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୦,୭୫୦ (ନୂଆଦିଲ୍ଲୀ)
- ରୁପା : ୭୫,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୪୩.୦୦
- ନିଫ୍ଟି ୨୨,୦୨୩.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଆଜିଠୁ ପେଟିଏମ୍ ୱାଲେଟ୍‌ରେ ଜମା ବନ୍ଦ

**ନୂଆଦିଲ୍ଲୀ,୧୫।୩(ଏଜେନ୍ସି)**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ, ଚଳିତମାସ ୧୬ ତାରିଖରୁ ପେଟିଏମ୍ ୱାଲେଟରେ ଆଉ ଟଙ୍କା ଜମା ହୋଇପାରିବ ନାହିଁ। ଏଣିକି ଉପଭୋକ୍ତା ନିଜ ଆକାଉଣ୍ଟରେ ରିଚାର୍ଜ କରିପାରିବେନି। ଏପରି ସ୍ଥିତିରେ, ଯଦି ଆପଣଙ୍କ ଗାଡିରେ ପେଟିଏମ୍‌ର ଫାସ୍‌ଟ୍ୟାଗ୍ ଲାଗିଛି ତେବେ ଆପଣଙ୍କୁ ଏହାକୁ ପରିବର୍ତ୍ତନ କରିବାକୁ ପଡିବ। ଯଦି ଆପଣ ଏହା ନ କରନ୍ତି, ତେବେ ଆପଣଙ୍କୁ ଦୁଇଗୁଣ ଟୋଲ୍ ଦେବାକୁ ପଡିବ। ନିୟମ ଅନୁଯାୟୀ, ଯଦି ଫାସ୍‌ଟ୍ୟାଗ୍ ମାଧ୍ୟମରେ ପେମେଣ୍ଟ କରା ନ ଯାଏ, ତେବେ ଦୁଇ ଗୁଣା ଟୋଲ୍ ଦେବାକୁ ପଡିବ। ଅପରପକ୍ଷେ ଯଦିଓ, ଆପଣ ମାର୍ଚ୍ଚ ୧୫ ପୂର୍ବରୁ ପେଟିଏମ୍ ୱାଲେଟରେ ଯାହା ବି ଅର୍ଥ ଯୋଗ କରିଛନ୍ତି, ଆପଣ ଏହି ସମୟ ପରେ ମଧ୍ୟ ଏହାକୁ ଖର୍ଚ୍ଚ କରିବାକୁ ସମର୍ଥ ହେବେ।ଏଠାରେ ସୂଚନାଯୋଗ୍ୟ ଯେ, ଭାରତରେ ପେଟିଏମ୍‌ର ସର୍ବାଧିକ ଫାସ୍‌ଟ୍ୟାଗ୍ ବ୍ୟବହାରକାରୀ ରହିଛନ୍ତି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଚଳିତ ସପ୍ତାହରେ ଉପଭୋକ୍ତାଙ୍କୁ ନୋଟିସ୍ ପଠାଇ ନୂଆ ଫାଷ୍ଟ୍ୟାଗ ଲଗାଇବା ପାଇଁ କହିଥିଲା ଏବଂ ଏଥିପାଇଁ ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ଦେଇଥିଲା। ସୂଚନାନୁଯାୟୀ, ପେଟିଏମ୍ ଫାସ୍‌ଟ୍ୟାଗ୍ ବ୍ୟବହାରକାରୀଙ୍କୁ ମାର୍ଚ୍ଚ ୧୫ ପୂର୍ବରୁ ଅନ୍ୟ କୌଣସି ପ୍ରାଧିକୃତ ବ୍ୟାଙ୍କରୁ ଏକ ନୂତନ ଫାସ୍‌ଟ୍ୟାଗ୍ କିଣିବାକୁ ପରାମର୍ଶ ଦେଇଛି । ଏନ୍‌ଇତିମଧ୍ୟରେ ଏଚ୍‌ଏଆଇ ଫାସ୍‌ଟ୍ୟାଗ୍ ପ୍ରଦାନ କରୁଥିବା ବ୍ୟାଙ୍କଗୁଡିକର ସଂଶୋଧିତ ତାଲିକା ମଧ୍ୟ ଜାରି କରିଛି। ବର୍ତ୍ତମାନ ଏହି ତାଲିକାରେ ୩୯ଟି ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ଅନ୍ତର୍ଭୁକ୍ତ। ତେବେ ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ (ପିପିବିଏଲ୍)ର ନାମ ଏହି ତାଲିକାରେ ନାହିଁ। ଆପଣ ଏହି ବ୍ୟାଙ୍କଗୁଡିକରୁ କିମ୍ବା ଫୋନ୍ ପେ' ଆପ୍ ମାଧ୍ୟମରେ ଫାଷ୍ଟାଗ୍ ଅର୍ଡର କରିପାରିବେ। ତେବେ ଯଦି ଆପଣ ପେଟିଏମ୍ ଫାସ୍‌ଟ୍ୟାଗ୍ ଆକାଉଣ୍ଟ ବନ୍ଦ କରିନାହାଁନ୍ତି ତେବେ ଟୋଲ୍ ଫ୍ରି ନମ୍ବର ୧୮୦୦୧୨୦୪୨୧୦ରେ କଲ୍ କରି ବନ୍ଦ କରିପାରିବ କିମ୍ବା ପେଟିଏମ୍ ଆପକୁ ଯାଇ ମଧ୍ୟ ଆକାଉଣ୍ଟ ନିଷ୍କ୍ରିୟ କରିପାରିବେ। ଆପଣ ଫୋନରେ ପେଟିଏମ୍ ଆପ୍ ଦ୍ୱାରା ମଧ୍ୟ ଏହାକୁ ବନ୍ଦ କରିପାରିବେ। ଏଥିପାଇଁ ଆପ୍ ଖୋଲି ସେଥିରେ ପ୍ରୋଫାଇଲ୍ ଆଇକନ୍ ଉପରେ କ୍ଲିକ୍ କରନ୍ତୁ। ଏହା ପରେ ହେଲ୍ପ ଆଣ୍ଡ ସପୋର୍ଟ ବିକଳ୍ପ ଉପରେ କ୍ଲିକ୍ କରନ୍ତୁ। ଏଠାରେ ଆପଣଙ୍କୁ ବ୍ୟାଙ୍କିଙ୍ଗ ସେବା ଏବଂ ପେମେଣ୍ଟ୍ସ ବିକଳ୍ପ ନଜର ଆସିବ। ଏଠାକୁ ଯାଇ ଫାସ୍‌ଟ୍ୟାଗ୍‌ର ଚୟନ କରିବାକୁ ହେବ।




**ଫାସ୍‌ଟ୍ୟାଗ୍ ମଧ୍ୟ କାମ କରିବ ନାହିଁ**

**ନ ବଦଳାଇଲେ ଲାଗିବ ଦୁଇଗୁଣ ଟୋଲ୍**

# ୫ ସରକାରୀ ବ୍ୟାଙ୍କରୁ ହେବ ଅଂଶଧନ ପ୍ରତ୍ୟାହାର

**ନୂଆଦିଲ୍ଲୀ,୧୫।୩(ଏଜେନ୍ସି):** ଦେଶର ୫ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଅଂଶଧନ ପ୍ରତ୍ୟାହାର କରିାକୁ ଯାଉଛନ୍ତି। କେନ୍ଦ୍ର ଅର୍ଥ ସେବା ସଚିବ ବିବେକ ଯୋଶୀଙ୍କ ଏ ସମ୍ପର୍କରେ ଆଜି ସୂଚନ ଦେଇଛନ୍ତି। ଏହି ୫ ବ୍ୟାଙ୍କ ହେଉଛି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଆଇଓବି, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କ। ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ର ସର୍ବନିମ୍ନ ପବ୍ଲିକ୍ ସେୟାର ହୋଲଡିଂ ଯଥା ଏମ୍‌ପିଏସ୍ ନିୟମ ଅନୁଯାୟୀ ସରକାର ଏହାର ଅଂଶଧନକୁ ୭୫ ପ୍ରତିଶତ ହ୍ରାସ କରିପାରିବେ। ସେବି ନିୟମ କାର୍ଯ୍ୟକାରୀ କରିବାକୁ ସରକାର ବ୍ୟାଙ୍କଗୁଡିକର ସରକାରୀ ଅଂଶଧନରେ ୭୫ ପ୍ରତିଶତରୁ ହ୍ରାସକରିବାକୁ ଯୋଜନା କରୁଛନ୍ତି। ୨୦୨୩ ମାର୍ଚ୍ଚ ୧୨ ସୁଦ୍ଧା କେବଳ ୧୨ ପିଏସ୍‌ବି ମଧ୍ୟରୁ ଚାରୋଟି ଏହି ନିୟମ ପାଳନ କରିଛନ୍ତି। ଅର୍ଥ ସେବା ସଚିବ କହିଛନ୍ତି ଯେ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ୧୨ ଟି ସରକାରୀ ବ୍ୟାଙ୍କ ମଧ୍ୟରୁ ଚାରିଜଣ ଏମପିଏସ ମାନଦଣ୍ଡ ଅନୁପାଳନ କରୁଛନ୍ତି। ବର୍ତ୍ତମାନ ଦିଲ୍ଲୀ ସ୍ଥିତ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କରେ ସରକାରଙ୍କ ଅଂଶଧନ 98.25 ପ୍ରତିଶତ ରହିଛି। ଚେନ୍ନାଇର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ସରକାରଙ୍କ ଅଂଶଧନ ୯୬୭.୩୮ ପ୍ରତିଶତ, ୟୁକୋ ବ୍ୟାଙ୍କରେ ୯୫.୩୯ ପ୍ରତିଶତ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୯୩.୦୮ ପ୍ରତିଶତ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ୮୬.୪୬ ପ୍ରତିଶତ ରହିଛି। ସେବି ଅନୁଯାୟୀ, ସମସ୍ତ ତାଲିକାଭୁକ୍ତ କମ୍ପାନୀଗୁଡିକ ସର୍ବସାଧାରଣ ଅଂଶଧନ ନିୟମ ମାନିବା ଆବଶ୍ୟକ।

# ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋରର ନବକଳେବର

## ସୁନା ଗହଣା ଗଢ଼ା ମଜୁରିରେ ୨୦% ପର୍ଯ୍ୟନ୍ତ ରିହାତି

**ଭୁବନେଶ୍ୱର,୧୫।୩(ସମିସ):** ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଏହାର ଚନ୍ଦ୍ରଶେଖରପୁର ଷ୍ଟୋରର ନବକଳେବର କରିଛି। ଏହି ନବୀକୃତ ଷ୍ଟୋରକୁ ତନିସ୍କର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ(ପୂର୍ବ) ସୋମପ୍ରଭ ସିଂହ ଏବଂ ମୁଖ୍ୟ(ମର୍ଚ୍ଚାଣ୍ଡାଇଜିଂ ଏବଂ ଏନ୍‌ଡି) ସୁନୀଲ ରାଜ ଉଦ୍‌ଘାଟନ କରିଛନ୍ତି। ଏଥିରେ ଫ୍ରାଞ୍ଚାଇଜ୍ ପାର୍ଟନର ଯୋଗେନ୍ଦ୍ର ହଂସ ଏବଂ ମାନିକ୍ ଉପସ୍ଥିତ ଥିଲେ। ଏହି ଅବସରରେ ତନିସ୍କ ପକ୍ଷରୁ ଆକର୍ଷଣୀୟ ଉଦ୍‌ଘାଟନୀ ଅଫର ପ୍ରଦାନ କରାଯାଉଛି। ଏହା ଅନ୍ତର୍ଗତ ଗ୍ରାହକ ପ୍ରତ୍ୟେକ କ୍ରୟରେ ଏକ ମାଗଣା ସୁନା ମୁଦ୍ରା ପାଇବେ। ପୁରୁଣା ସୁନା ବଦଳାଇ ମନଲୋଭା ଡିଜାଇନ୍‌ର ନୂଆ ଗହଣା ପାଇପାରିବେ। ଯେ କୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା ୨୨ କ୍ୟାରେଟ୍ ଏବଂ ତଦୁର୍ଦ୍ଧ୍ୱ କ୍ୟାରେଟ୍




ପୁରୁଣା ସୁନା ବଦଳ ଉପରେ ବ୍ରାଣ୍ଡ ପକ୍ଷରୁ ଶତ ପ୍ରତିଶତ ମୂଲ୍ୟ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରି ଉପରେ ୨୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ସେହିଭଳି ଷ୍ଟଡେଡ୍ ଗହଣା ପାଇଁ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିଆତି ଉପଲବ୍ଧ। ଏହି ଅଫର ମାର୍ଚ୍ଚ ୧୫ରୁ ୧୭ ଯାଏ ରହିଛି। ୧୦,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏହି ଷ୍ଟୋରରେ ଚମକଦାର ସୁନା, ଉଜ୍ଜ୍ୱଳ ହୀରା, କୁନ୍ଦନ ଓ ପୋଲ୍‌କିରେ ପ୍ରସ୍ତୁତ ତନିସ୍କର ଅନନ୍ୟ ଡିଜାଇନ୍ ସମ୍ଭାର ରହିଛି। ଷ୍ଟୋରରେ ତନିସ୍କର ଫେଷ୍ଟିଭ୍ କଲେକ୍ସନ 'ଧରୋହର' ରହିଛି। ଷ୍ଟୋରର ସମ୍ମୁଖ ଭାଗ ଭୁବନେଶ୍ୱରର ମନ୍ଦିରମାଳା, ପଟ୍ଟଚିତ୍ର ପେଣ୍ଟିଂ ଏବଂ ପିପିଲିର ଚାନ୍ଦୁଆ କାମ ଦ୍ୱାରା ଅନୁପ୍ରାଣିତ ତଥା ଅତି ଯତ୍ନର ସହ ତିଆରି ମୋଟିଫ୍‌ଗୁଡ଼ିକରେ ସଜ୍ଜିତ ହୋଇଛି। ପୁରସ୍କାରପ୍ରାପ୍ତ ଶିଳ୍ପୀ ଅନିଲ କୁମାର ମହାରାଣାଙ୍କ ଦ୍ୱାରା ବାଲୁକା ପଥର ସ୍ରାବରୁ ଖୋଦିତ ଏହି ଜଟିଳ କଳାକୃତି ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟର ପ୍ରତିଫଳନ।

# ସୁନା ଋଣ ଗ୍ରାହକଙ୍କୁ ବାଧାମୁକ୍ତ ସେବା ଦେଉଛି ଆଇଆଇଏଫଏଲ ଫାଇନାନ୍ସ

**ଭୁବନେଶ୍ୱର,୧୫।୩(ସମିସ):** ଆଇଆଇଏଫଏଲ ଫାଇନାନ୍ସ ପକ୍ଷରୁ ଏହାର ବିଦ୍ୟମାନ ସୁନା ଋଣ ଗ୍ରାହକଙ୍କୁ ବିନା କୌଣସି ବାଧାରେ ସେବା ପ୍ରଦାନ କରିବା ଜାରି ରଖିଛି ଏବଂ ଆଇଆଇଏଫଏଲ ଫାଇନାନ୍ସ ଲକରରେ ଗ୍ରାହକଙ୍କ ସୁନା ସୁରକ୍ଷିତ ରହିଛି। ଚଳିତ ମାର୍ଚ୍ଚ ୪ ରେ ଆରବିଆଇ ଦ୍ୱାରା ଜାରି ଏକ ପ୍ରେସ ବିଜ୍ଞପ୍ତି ଅନୁଯାୟୀ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ କମ୍ପାନୀ ନୂଆ ସୁନା ଋଣ ପ୍ରଦାନ କରିପାରିବ ନାହିଁ। ତେବେ ଆରବିଆଇ ସର୍କୁଲାର, ଆଇଆଇଏଫଏଲ ଫାଇନାନ୍ସକୁ ବିନା କୌଣସି ବାଧାରେ ବିଦ୍ୟମାନ ଋଣ ଏବଂ ଗ୍ରାହକଙ୍କ ସେବା ଜାରି ରଖିବାକୁ ଅନୁମତି ଦେଇଛି। ଆଇଆଇଏଫଏଲ ଫାଇନାନ୍ସ କହିଛି ଯେ ଏହାର ସୁନା ଋଣ ଶାଖାଗୁଡିକ ପୂର୍ବପରି ଖୋଲା ରହିବ ଏବଂ ପ୍ରାଥମିକତା ଭିତ୍ତିରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ କର୍ମଚାରୀ ଉପଲବ୍ଧ ରହିବେ। ଗ୍ରାହକଙ୍କ ଋଣ କମ୍ପାନୀ ପାଖରେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଏବଂ ସେମାନଙ୍କୁ ଏଥିପାଇଁ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଆଇଆଇଏଫଏଲ ଫାଇନାନ୍ସ ପକ୍ଷରୁ ଆଶ୍ୱାସନା ଦିଆଯାଇଛି।

# ହିସାରରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ କାରଖାନା ବସାଇବ ଜେଡି ଟୋରସ୍



**ଭୁବନେଶ୍ୱର, ୧୫।୩(ସମିସ):** ପ୍ରତିରକ୍ଷା ଏବଂ ନିରାପତ୍ତା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ଜିନ୍ଦଲ ଡିଫେନ୍ସ ସିଷ୍ଟମ ପ୍ରାଇଭେଟ ଲିମିଟେଡ (ଜେଡିଏସପିଏଲ) ବ୍ରାଜିଲ ସ୍ଥିତ ବୈଶ୍ୱିକ କମ୍ପାନୀ ଟୋରସ ଅର୍ମାସ ଏସ.ଏ ସହ ମିଶି ହିସାରରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ କାରଖାନା ଆରମ୍ଭ କରିଛି। ଜେଡି ଟୋରସ୍ ବ୍ରାଣ୍ଡ ନାମରେ ଜେଡିଏସପିଏଲ ଭାରତରେ ଅସ୍ତ୍ରଶସ୍ତ୍ର ଉତ୍ପାଦନର ବ୍ୟବସ୍ଥାକୁ ରୂପାନ୍ତର କରିବାକୁ ଏବଂ ଆମଦାନୀ ଉପରେ ଭାରତର ନିର୍ଭରଶୀଳତାକୁ ହ୍ରାସ କରିବାକୁ ପ୍ରସ୍ତୁତ ଅଛି। ଖ୍ୟାତିସମ୍ପନ୍ନ ଓ ପି ଜିନ୍ଦଲ ପରିବାରର ଅଭ୍ୟୁଦୟ ଜିନ୍ଦଲ ଏହି କମ୍ପାନୀରେ ନିବେଶ କରିଛନ୍ତି। ଦୁଇ ଏକରରୁ ଅଧିକ ବ୍ୟାପ୍ତ ଏହି କାରଖାନାର ବାର୍ଷିକ ୨,୫୦,୦୦୦ ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷମତା ରହିଛି। ଆଗାମୀ ଆର୍ଥିକବର୍ଷରେ କମ୍ପାନୀ ୨୫,୦୦୦ ରୁ ୩୦,୦୦୦ ମଧ୍ୟରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି।

# ନୁଆ-ଓ ବୃତ୍ତିଲବ୍ଧ ବିଦ୍ୟାର୍ଥୀଙ୍କ ପାଇଁ ବଣିକ୍‌ର ସ୍ୱତନ୍ତ୍ର ଅଫର

**ଭୁବନେଶ୍ୱର,୧୫।୩(ସମିସ):** ରାଜ୍ୟ ସରକାରଙ୍କ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ପରିଯୋଜନା ଅଧିନସ୍ଥ ନୂଆ-ଓ ଛାତ୍ରବୃତ୍ତି ପାଇଥିବା ସମସ୍ତ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ବଣିକ ତରଫରୁ ଏକ ସ୍ୱତନ୍ତ୍ର ଅଫର ଦିଆଯାଇଛି। ଆଗାମୀ ସମୟରେ ବ୍ୟାଙ୍କିଙ୍ଗ,ଏସ୍‌ଏସ୍‌ସି,ରେଲୱେ, ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି, ୟୁପିଏସ୍‌ସି, ଓପିଏସ୍‌ସି ଏବଂ ଏଏସ୍ ଆଦି ପ୍ରତିଯୋଗିତା ମୂଳକ ପରୀକ୍ଷାର ପ୍ରସ୍ତୁତି ନିମନ୍ତେ ଆଗ୍ରହୀ ଛାତ୍ର-ଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ସମସ୍ତ ଅନଲାଇନ୍ କୋର୍ସ୍ ଫି ଉପରେ ୫୦% ରିଆତି, ହାଇବ୍ରିଡ କୋର୍ସ ଉପରେ ୩୫% ତଥା ସମସ୍ତ କ୍ଲାସରୁମ୍ କୋର୍ସ୍ ଫି ଉପରେ ୨୫% ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯିବ। ଏହି ଅଫର୍ କେବଳ ନୂଆ-ଓ ବୃତ୍ତି ପାଇଥିବା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଅଟେ ଏବଂ ଏହା ଏକ ସୀମିତ ସମୟର ଅବଧି ସହିତ ଲାଗୁ କରାଯାଇଛି। ଏହି ରିଆତି ପାଇବା ପାଇଁ ପିଲାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମିଳିଥିବା ନୂଆ-ଓ ବୃତ୍ତି ପରିଚୟପତ୍ର ଦେଖାଇବାକୁ ପଡ଼ିବ। ଏହି ଅଫର୍ ସହିତ ପିଲାଙ୍କ ପାଠପଢ଼ା ପାଇଁ ବଣିକ ଶିକ୍ଷାନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ଗାଇଡାନ୍ସ ପ୍ରୋଗ୍ରାମ, ମେଣ୍ଟରସିପ ପ୍ରୋଗ୍ରାମ, ୨୪/୭ ଲାଇବ୍ରେରୀ, ଅନଲାଇନ୍ ପରୀକ୍ଷା, ଅଫଲାଇନ୍ ପରୀକ୍ଷା ତଥା ରହିବା ପାଇଁ ସ୍ୱତନ୍ତ୍ର ହଷ୍ଟେଲ ଆଦିର ବ୍ୟବସ୍ଥା ମଧ୍ୟ ରହିଛି। ପିଲାମାନେ, ଓଡ଼ିଶା ସରକାରଙ୍କ ତରଫରୁ ଶିକ୍ଷା ନିମିତ୍ତ ମିଳିଥିବା ଆର୍ଥିକ ରାଶିର ସତ୍ ଉପଯୋଗ କରି, ବିଭିନ୍ନ କ୍ଷେତ୍ରରେ ଚାକିରୀ ପାଇବା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ଅନୁଷ୍ଠାନ ତରଫରୁ ଏହି ବିଶେଷ ଅଫର ଦିଆଯାଇଛି। ସେମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ନିୟମିତ ଭାବେ ଟ୍ୟାଲେଣ୍ଟ ଟେଷ୍ଟ, ଏଫଟିଡି, ଭିଏସ୍‌ଟି (ବାଣିକ୍ ସ୍କଲାରଶିପ୍ ଟେଷ୍ଟ) ଆଦିର ବ୍ୟବସ୍ଥା ମଧ୍ୟ କରାଯାଉଛି। ପିଲାଙ୍କୁ ସମର୍ଥ ଓ ସମୃଦ୍ଧ କରି ସେମାନଙ୍କ ଉତ୍ତମ ଭବିଷ୍ୟତ ଗଠନ କରିବା ହିଁ ବଣିକ ଶିକ୍ଷାନୁଷ୍ଠାନର ଏକମାତ୍ର ଲକ୍ଷ୍ୟ। ପିଲାମାନେ ଏହିସବୁ ବ୍ୟବସ୍ଥାର ଲାଭ ଉଠାଇ, ନିଜ ଚାକିରି ସ୍ୱପ୍ନରେ ଡେଣା ଯୋଡ଼ନ୍ତୁ ଏବଂ ଏକ ଉନ୍ନତ ଓ ଶିକ୍ଷିତ ସମାଜ ଗଠନରେ ସକ୍ରିୟ ଅଂଶ ଗ୍ରହଣ କରନ୍ତୁ ବୋଲି ବଣିକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସୁବ୍ରତ କୁମାର ଛାଟୋଇ କହିଛନ୍ତି।




# ମ୍ୟାକ୍ସ ଲାଇଫ ପକ୍ଷରୁ ସ୍ମାର୍ଟ ୱେଲଥ ଆଡଭାଣ୍ଟେଜ ଗ୍ୟାରେଣ୍ଟି ଏଲିଟ୍ ପ୍ଲାନ

**ଭୁବନେଶ୍ୱର,୧୫।୩(ସିମସ) :** ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ନୂଆ ସ୍ମାର୍ଟ ୱେଲଥ ଆଡଭାଣ୍ଟେଜ ଗ୍ୟାରେଣ୍ଟିଏଲିଟ ପ୍ଲାନ - ସ୍ୱାଗ ଏଲିଟ ପ୍ଲାନ (ୟୁଆଇଏନ-୧୦୪ଏନ୧୩୮ଭି୦୧)ର ଉନ୍ମୋଚନ ସହ ନିଜର ସୁନିଶ୍ଚିତ ସମାଧାନ ପୋର୍ଟଫୋଲିଓ ସଂପ୍ରସାରଣର ଘୋଷଣା କରିଛି। ସ୍ୱାଗ ପର ପ୍ଲାନ ଏବଂ ସ୍ୱାଗ ପେନସନ ପ୍ଲାନ ଭଳି 'ସ୍ୱାଗ' ସିରିଜରୁ ମିଳିଥିବା ସଫଳତା ଏବଂ ଗ୍ରାହକଙ୍କ ସକାରାତ୍ମକ ପ୍ରତିକ୍ରିୟାକୁ ଆଧାର କରି ମ୍ୟାକ୍ସ ଲାଇଫ ଆଧୁନିକ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଥିବା ଅଭିନବ ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ସ୍ୱାଗ ଏଲିଟ ପ୍ଲାନ ହେଉଛି ଏହି ପ୍ରତିବଦ୍ଧତାର ପ୍ରମାଣ ଯାହା ଗ୍ରାହକଙ୍କ ପରିବର୍ତ୍ତିତ ଆର୍ଥିକ ଆବଶ୍ୟକତା ଏବଂ ଆକାଂକ୍ଷା ପୂରଣ ପାଇଁ ବ୍ୟାପକ ସମାଧାନ ପ୍ରଦାନ କରିଥାଏ। ଏହି ନୂଆ ଅଫରକୁ ସ୍ୱତନ୍ତ୍ର ଭାବେ 'ହାଇ ନେଟ୍ ୱର୍ଥ ପର୍ସନାଲ' (ଏଚଏନଆଇ କ୍ଷେତ୍ର ) ପାଇଁ ପ୍ରସ୍ତୁତ କରାଯାଇଛି। ଏହି ନୂଆ ଅଫର ଗ୍ରାହକଙ୍କୁ ସୁନିଶ୍ଚିତ ରିଟର୍ଣ୍ଣ ଏବଂ ପରବର୍ତ୍ତୀ ପିଢି ପାଇଁ ଜୀବନବ୍ୟାପୀ ସୁରକ୍ଷା ଭଳି ଅନନ୍ୟ ସୁବିଧା ପ୍ରଦାନ କରୁଛି। ଏଥିରେ ଗ୍ରାହକମାନେ ପଲିସି ଶେଷରେ ଏକାକାଳୀନ ରାଶି ନେଇପାରିବେ କିମ୍ବା ସମୟକ୍ରମେ ସେହି ରାଶିକୁ କିସ୍ତି ଭାବରେ ନେବାକୁ ଚୟନ କରିପାରିବେ।

# ୨୬୫ କୋଟିରେ ଟପ୍‌ଲାଇନ୍ ଅଧିଗ୍ରହଣ କଲା ଏଚଆଇଏଲ

**ଭୁବନେଶ୍ୱର,୧୫।୩(ସମିସ):** ୨.୯ ବିଲିୟନ ଡ଼ଲାରର ସି.କେ ବିର୍ଲା ଗ୍ରୁପର ଏକ ଅଂଶ ଏଚଆଇଏଲ ଲିମିଟେଡ୍ ସହିତ ପୂର୍ବ ଭାରତର ପାଇପ୍ ଏବଂ ଫିଟିଂ ବ୍ରାଣ୍ଡ ଟପ୍‌ଲାଇନ୍ ଅଧିଗ୍ରହଣ ପାଇଁ କ୍ରେଷ୍ଟିଆ ପଲିଟେକ୍ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ୨୬୫ କୋଟି ପାଇଁ ପଲିଟେକ୍ନିକ୍, ଆଦିତ୍ୟ ଇଣ୍ଡଷ୍ଟ୍ରିଜ୍ ଏବଂ ସାଇନାଥ ପଲିମର ଆନୁମାନିକ କାରବାର ସହିତ କ୍ରେଷ୍ଟିଆ ଏବଂ ଏହାର ସହାୟକ କମ୍ପାନୀଗୁଡିକ ଆର୍ଥିକବର୍ଷ ୨୪ରେ ପାଇପ୍, ଫିଟିଙ୍ଗ୍ ଏବଂ ୱାଟର ଟ୍ୟାଙ୍କ କ୍ଷେତ୍ରରେ ଟପ୍‌ଲାଇନ୍, ରକ୍‌ୱେଲ୍ ଏବଂ ସୋନିପ୍ଲାଷ୍ଟ ତିନୋଟି ଫ୍ଲାଗସିପ୍ ବ୍ରାଣ୍ଡ ସହିତ ୩୩୦ କୋଟିର କାରବାର କରିଛି। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ତଥା ଏଚଆଇଏଲ ର ସିଇଓ ଅକ୍ଷତ ସେଠ କହିଛନ୍ତି, ଟପ୍‌ଲାଇନ୍ ଅନନ୍ୟ କ୍ଷମତା ଏଚଆଇଏଲର ପୋର୍ଟଫୋଲିଓକୁ ସମ୍ପୂର୍ଣ୍ଣ ରୂପେ ପରିପୂର୍ଣ୍ଣ କରୁଛି। ଏହି ଅଧିଗ୍ରହଣ ଆମର ବଡ଼ ବିଭାଗରେ ଯଥା ଉଚ୍ଚ ସାନ୍ଦ୍ରତା ପଲିଥିନ, ମଧ୍ୟମ ସାନ୍ଦ୍ରତା ପଲିଥିନ ଏବଂ ୱାଟର ଟ୍ୟାଙ୍କରେ ପ୍ରବେଶକୁ ସକ୍ଷମ କରିବ।

# ଏସର ଏୟାର କଣ୍ଡିସନର ୨୦୨୪ ଶୃଙ୍ଖଳା ଆରମ୍ଭ

**ଭୁବନେଶ୍ୱର,୧୫।୩(ସମିସ):** ଭାରତରେ ଏସର୍ ହୋମ୍ ଆପ୍ଲାଏନ୍ସେସ୍ ପାଇଁ ଅଫିସିଆଲ ଲାଇସେନ୍ସି ଇଣ୍ଡ୍‌କଲ ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ ଏହାର ବହୁପ୍ରତିକ୍ଷୀତ ୨୦୨୪ ଶୃଙ୍ଖଳାର ନୂଆ ଏସର ଏୟାର କଣ୍ଡିସନରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ହୋମ୍ କୁଲିଂ ଅନୁଭୂତିକୁ ପୁନଃବ୍ୟାଖ୍ୟା କରିବା ପାଇଁ ନିର୍ମିତ ଏହି ଏୟାର କଣ୍ଡିସନରଗୁଡିକ ୧.୦ ଟନ- ୩ ଓ ୫ ଷ୍ଟାର, ୧.୫ ଟନ- ୩ ଓ ୫ ଷ୍ଟାର ଓ ୨.୦ ଟନ- ୩ଷ୍ଟାର କ୍ଷମତାରେ ଉପଲବ୍ଧ ହେଉଛି। ଯେଉଁଥିରେ ଆର୍କଟିକ୍ରାପ କୁଲିଂ, ଏଆଇସେନ୍ସ ଓ କୁଲ୍‌ସ୍ୱିଙ୍ଗର ଏୟାରଫ୍ଲୋ ମ୍ୟାନେଜ୍‌ମେଣ୍ଟ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ରହିଛି। ଏହି ନୂତନ ରେଞ୍ଜର ଏୟାର କଣ୍ଡିସନରଗୁଡିକ ପ୍ରାରମ୍ଭିକ ରୂପେ ଦେଶବ୍ୟାପୀ ଅଫ୍‌ଲାଇନ ରିଟେଲ ଚ୍ୟାନେଲରେ ଉପଲବ୍ଧ ହେବ। ଭାରତରେ ପ୍ରଥମ ଥର ପାଇଁ ଏବଂ ଏକ ଶିଳ୍ପ ପ୍ରଥମ ଫିଚର ଭାବେ ଏସର ଏୟାର କଣ୍ଡିସ୍ନର ରେଞ୍ଜ ୭-ଇନ୍-୧ କନ୍‌ଭର୍ଟିବୁଲ ଟେକ୍ନୋଲୋଜି ସହ ଆସୁଛି ଯାହା ଉପଭୋକ୍ତାଙ୍କୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ କୁଲିଂକୁ ପରିବର୍ତ୍ତନ କରିବା ଓ ଅନୁକୂଳ କରିବା ପାଇଁ ଅନୁମତି ଦେଇଥାଏ। ଏହି ଏସିଗୁଡିକର ବିଭିନ୍ନ ମଡେଲ ଯଥା ଏସର ଏସି ୧.୦ ଟନ୍ (୩ ଷ୍ଟାର) ମୂଲ୍ୟ ୨୯,୯୯୯ଟଙ୍କା, ଏସର ଏସି ୧.୦ ଟନ (୫ ଷ୍ଟାର) ମୂଲ୍ୟ ୩୩,୯୯୯ ଟଙ୍କା, ଏସରଏସି ୧.୫ ଟନ (୩ ଷ୍ଟାର) ମୂଲ୍ୟ ୩୨,୯୯୯ ଟଙ୍କା, ଏସର ଏସି ୧.୫ ଟନ (୫ ଷ୍ଟାର) ମୂଲ୍ୟ ୩୭,୯୯୯ ଟଙ୍କା, ଏସର ଏସି ୨.୦ ଟନ (୩ ଷ୍ଟାର) ମୂଲ୍ୟ ୪୪,୯୯୯ ଟଙ୍କା ଏବଂ ଏସର ଏସି ୧.୫ ଟନ (ୱିଣ୍ଡୋ ଏସି) ମୂଲ୍ୟ ୨୮,୯୯୯ ଟଙ୍କା ରହିଛି। ଏହି ଏସିଗୁଡିକ ଉପରେ ଅତିରିକ୍ତ ରିହାତି ଅଫର / ଇଏମ୍‌ଆଇ ଯୋଜନା ଓ ବ୍ୟାଙ୍କ କାର୍ଡ ଅଫର୍‌ଉପଲବ୍ଧ ରହିବ।




# ସିଟ୍ରୋନ୍ ପକ୍ଷରୁ ନେଟ୍‌ୱର୍କ ସମ୍ପ୍ରସାରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୫।୩(ସମିସ):** ସିଟ୍ରୋନ୍ ୨୦୨୪ ଶେଷ ସୁଦ୍ଧା ୨୦୦ ସେଲ୍ସ ଓ ସର୍ଭିସ୍ ଟଚ୍ ପଏଣ୍ଟ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିଥିବା ଏହାର ନେଟୱର୍କ ସମ୍ପ୍ରସାଣ କାର୍ଯ୍ୟକ୍ରମର ଉନ୍ମୋଚନ କରିଛି। ଏହି ପରିବର୍ତ୍ତନଶୀଳ ଅଭିଯାନ ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଅତୁଳନୀୟ ସିଟ୍ରୋନ ବ୍ରାଣ୍ଡ ଅନୁଭୂତି ପ୍ରଦାନ କରିବା ଲାଗି ବ୍ରାଣ୍ଡର ଉତ୍ସର୍ଗୀକୃତତାକୁ ରେଖାଙ୍କିତ କରିଛି। ସହରାଞ୍ଚଳ, ଅର୍ଦ୍ଧସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରଗୁଡିକରେ ନୂଆ ଡିଲରସିପ୍ର ଯୋଗ ଦ୍ୱାରା ଭାରତରେ ସିଟ୍ରୋନ୍ର ଉପସ୍ଥିତି ବର୍ତ୍ତମାନର ୫୮ଟି ସହରରୁ ୨୦୦ରୁ ଅଧିକକୁ ବୃଦ୍ଧି ପାଇବ। ଯାହାକି ନେଟୱର୍କରେ ୪୦୦% ଅଭିବୃଦ୍ଧି। ଏହି ନେଟୱର୍କ ସମ୍ପ୍ରସାରଣ ସମ୍ପର୍କରେ ସିଟ୍ରୋନ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଶିଶିର ମିଶ୍ର କହିଛନ୍ତି, ଆମେ ସିଟ୍ରୋନ୍‌କୁ ବହୁମାତ୍ରାରେ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ କରାଇବାକୁ ଏବଂ ଟିୟର ୧ ଓ ୨ ସହର ବାହାରେ ଆମର ଉତ୍ପାଦଗୁଡିକର କ୍ଷମତାକୁ ବିସ୍ତାର କରିବା ପାଇଁ ଚାହୁଁଛୁ।

## ଇ-ଯାନ ନୀତିକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ

# ଭାରତ ହେବ ଇଭିର ଉତ୍ପାଦନ କେନ୍ଦ୍ର

**ନୂଆଦିଲ୍ଲୀ,୧୫।୩(ଏଜେନ୍ସି)**

**ଅଟୋ କମ୍ପାନୀଙ୍କ ପାଇଁ ସର୍ବନିମ୍ନ ନିବେଶ ସୀମା ୪୧୫୦ କୋଟି**

**ସହଜ ହେବ ଟେସ୍‌ଲାର ଭାରତରେ ପ୍ରବେଶ**




ଖୁବ୍ ଶୀଘ୍ର ଭାରତ ହେବ ଇଲେକ୍‌ଟ୍ରିକ୍ ଯାନ (ଇଭି)ର ଉତ୍ପାଦନ କେନ୍ଦ୍ର। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଯେପରି ଦେଶରେ ଇ - ଯାନ (ଇଭି) ଉତ୍ପାଦନ ହୋଇପାରିବ, ସେଥିପାଇଁ କେନ୍ଦ୍ର ସରକାର ଏକ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ବିଶ୍ୱର ପ୍ରତିଷ୍ଠିତ ଇଭି ଉତ୍ପାଦନକାରୀମାନଙ୍କ ଦ୍ୱାରା ଇ - ଯାନ କ୍ଷେତ୍ରରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ ଏହି ନୀତି ପ୍ରସ୍ତୁତ କରାଯାଇଛି। ଏହି ନୂଆ ନୀତି ଅନୁଯାୟୀ, ଅଟୋ କମ୍ପାନୀଙ୍କ ପାଇଁ ସର୍ବନିମ୍ନ ନିବେଶ ସୀମା ୪୧୫୦ କୋଟି ଟଙ୍କା ରଖାଯାଇଛି। ତେବେ ସର୍ବାଧିକ ନିବେଶ ଉପରେ କୌଣସି ସୀମା ଧାର୍ଯ୍ୟ କରାଯାଇନାହିଁ। ଏହାଫଳରେ ଏଲନ୍ ମସ୍କଙ୍କ ଟେସ୍‌ଲାର ଭାରତରେ ପ୍ରବେଶ ସହଜ ହୋଇଯିବ।

ଏହା ଭାରତୀୟ ଉପଭୋକ୍ତାଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ କରାଇବ, ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହନ ମିଳିବ, ଇଭି କମ୍ପାନୀଗୁଡିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେଇ ଇଭି ପାରିବେଶିକ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ,। ଏହାଫଳରେ ଯାହା ଦ୍ୱାରା ଅଧିକ ପରିମାଣର ଉତ୍ପାଦନ ହେବ, ଉଚ୍ଚ ସ୍ତରର ଅର୍ଥନୀତି ହାସଲ ହୋଇ ପାରିବ, ଉତ୍ପାଦନ ଖର୍ଚ୍ଚ କମ୍ ହେବ, ଅଶୋଧିତ ତୈଳ ଆମଦାନୀ ହ୍ରାସ ପାଇବ, ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇବ, ବାୟୁ ପ୍ରଦୂଷଣ ହ୍ରାସ ପାଇବ, ବିଶେଷ କରି ସହର ମାନଙ୍କରେ ଏହା ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଇ-ଯାନ ନୀତି ଅନୁଯାୟୀ, ଭାରତରେ ଉତ୍ପାଦନ କାରଖାନା ସ୍ଥାପନ ଏବଂ ଇ - ଯାନର ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବା ପାଇଁ ୩ ବର୍ଷ ଏବଂ ସର୍ବାଧିକ ୫ ବର୍ଷ ମଧ୍ୟରେ ୫୦% ଘରୋଇ ମୂଲ୍ୟ ସଂଯୋଜନ (ଡିଭିଏ) ରେ ପହଞ୍ଚିବା।

**ଉତ୍ପାଦନ ସମୟରେ ଘରୋଇ ମୂଲ୍ୟ ସଂଯୋଜନ (ଡିଭିଏ):** ତୃତୀୟ ବର୍ଷ ସୁଦ୍ଧା ସ୍ଥାନୀୟକରଣ ସ୍ତର ୨୫% ଏବଂ ପଞ୍ଚମ ବର୍ଷ ସୁଦ୍ଧା ୫୦% ସ୍ଥାନୀୟକରଣ ସ୍ତର ହାସଲ କରିବାକୁ ପଡ଼ିବ। ୧୫% ସୀମା ଶୁଳ୍କ (ସିକେଡି ୟୁନିଟ୍ ମାନଙ୍କ ପାଇଁ ପ୍ରଯୁଜ୍ୟ) ସର୍ବନିମ୍ନ ସିଆଇଏଫ୍ ମୂଲ୍ୟ ୩୫,୦୦୦ ଆମେରିକୀୟ ଡଲାର କିମ୍ବା ତାଦଠାରୁ ଅଧିକ ମୂଲ୍ୟର ଗାଡ଼ି ଉପରେ ୩ ବର୍ଷର ଅବଧି ମଧ୍ୟରେ ଭାରତରେ ଉତ୍ପାଦନ କାରଖାନା ସ୍ଥାପନ କରୁଥିବା ନିର୍ମାତାଙ୍କ ଉପରେ ମୋଟ ୫ ବର୍ଷର ଅବଧି ପାଇଁ ଲାଗୁ ହେବ। ଆମଦାନୀ ପାଇଁ ଅନୁମତି ପ୍ରାପ୍ତ ମୋଟ ଇଭି ସଂଖ୍ୟା ଉପରେ ପୂର୍ବ ନିର୍ଦ୍ଧାରିତ ଶୁଳ୍କ କେବଳ କରାଯାଇଥିବା ନିବେଶ କିମ୍ବା ୬୪୮୪ କୋଟି ଟଙ୍କା (ପିଏଲଆଇ ସ୍କିମ୍ ଅଧୀନରେ ପ୍ରୋତ୍ସାହନ ସହିତ ସମାନ), ଯେଉଁଟି କମ୍ ହେବ, ସେତିକିରେ ସୀମିତ ରହିବ। ଯଦି ନିବେଶ ୮୦୦ ନିୟୁତ ଆମେରିକୀୟ ଡଲାର କିମ୍ବା ତାଠାରୁ ଅଧିକ ହୁଏ, ତେବେ ବାର୍ଷିକ ୮,୦୦୦ରୁ ଅଧିକ ହାରରେ ହୋଇ ନଥିବା ସର୍ବାଧିକ ୪୦,୦୦୦ ଇଭିକୁ ଅନୁମତି ଦିଆଯିବ। ଅନୁପଯୋଗ ବାର୍ଷିକ ଆମଦାନୀ ସୀମା ବହନ କରିବାକୁ ଅନୁମତି ଦିଆଯିବ। କଂପାନୀ ଦ୍ୱାରା ଦିଆଯାଇଥିବା ନିବେଶ ପ୍ରତିଶ୍ରୁତିକୁ ସୀମା ଶୁଳ୍କ ବଦଳରେ ବ୍ୟାଙ୍କ ଗ୍ୟାରେଣ୍ଟି ଦ୍ୱାରା ସମର୍ଥନ କରିବାକୁ ପଡ଼ିବ। ଡିଭିଏ ହାସଲ ନ ହେଲେ ବ୍ୟାଙ୍କ ଗ୍ୟାରେଣ୍ଟିକୁ ଏବଂ ସ୍କିମ୍ ଗାଇଡଲାଇନ୍ ଅଧୀନରେ ନିର୍ଦ୍ଧାରିତ ସର୍ବନିମ୍ନ ନିବେଶ ମାନଦଣ୍ଡକୁ ଉପଯୋଗ କରାଯିବ ବୋଲି ଇ -ଯାନ ନୀତିରେ ବ୍ୟବସ୍ଥା ରହିଛି।

